ଚତୁର୍ଥ ବର୍ଷ ● ଚତୁର୍ଥ ସଂଖ୍ୟା
ମଇ-ଜୁନ୍, ୨୦୧୯



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




କଟକର ଉସୁମାଠାରେ ଶ୍ରୁତିନ୍ୟାସର ଆଶ୍ରମ ବେଦଧାମର ଶିଳାନ୍ୟାସ






ଆଚାର୍ଯ୍ୟ ଆନନ୍ଦ ପ୍ରକାଶଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି ଇଂ. କୁମାର ସ୍ୱାମୀ



ନିରଞ୍ଜନ ରଥଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି ଦଣ୍ଡପାଣି ମିଶ୍ର



ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମବେତ ଶ୍ରଦ୍ଧାଳୁ ଜନତା





ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମବେତ ଶ୍ରଦ୍ଧାଳୁ ଜନତା





ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମବେତ ଶ୍ରଦ୍ଧାଳୁ ଜନତା






ରାଉରକେଲାରେ ଭାରତୀୟ ଇସ୍ପାତ ମଜଦୂର ମହାସଂଘର ୧୫ତମ ତ୍ରୈବାର୍ଷିକ ସମ୍ମିଳନୀ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-4, Issue-4, May-June. 2019

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱରଙ୍କ ନାମ 'ଓ୩ମ୍' | ୦୨ |
| ୦୨. | ଶାନ୍ତିକରଣମ୍ | ୦୮ |
| ୦୩. | ସନ୍ଧ୍ୟା କାହିଁକି କରିବା ? | ୧୨ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୦ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

ସର୍ବେ ଭବନ୍ତୁ ସୁଖିନଃ :

# ଈଶ୍ୱରଙ୍କ ନାମ 'ଓ୩ମ୍'

**ପୂର୍ବାନୁକ୍ରମିକ...**

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**୨. ଗତିଦାତା —** ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ଗତିଶୀଳ । ପରମାଣୁଠାରୁ ଆରମ୍ଭ କରି ସୂର୍ଯ୍ୟ-ତାରା ଆଦି ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ଗତିଶୀଳ । ସେଥିପାଇଁ ଏହି ବିଶ୍ୱର ନାମ ଜଗତ୍ — **'ଗଚ୍ଛତୀତି ଜଗତ୍'**; ଓ ସେଇଥି ପାଇଁ ହିଁ ଏହାକୁ ସଂସାର ମଧ୍ୟ କୁହାଯାଏ — **'ସଂ ସରତୀତି ସଂସାରଃ ।'** ମହାକାଶରେ ଉପଗ୍ରହଗୁଡ଼ିକ ଗ୍ରହକୁ ପରିକ୍ରମା କରୁଛନ୍ତି । ପୃଥିବୀ ଆଦି ଗ୍ରହ ସୂର୍ଯ୍ୟର ଚତୁର୍ଦ୍ଦିଗରେ ସତତ ପରିକ୍ରମା କରନ୍ତି । ସୂର୍ଯ୍ୟ ମଧ୍ୟ ସ୍ୱ ଅକ୍ଷ ଚତୁର୍ଦ୍ଦିଗରେ ପ୍ରାୟ ୨୭ ଦିନରେ ଥରେ ଆବର୍ତ୍ତନ କରେ । ସୂର୍ଯ୍ୟ ପୂର୍ଣ୍ଣ ସୌରପରିବାର (ଗ୍ରହ, ଉପଗ୍ରହ, ଗ୍ରହାଣୁପୁଞ୍ଜ, ଧୂମକେତୁ ଆଦି)କୁ ସାଙ୍ଗରେ ନେଇ ନୀହାରିକା-ଛାୟାପଥ କେନ୍ଦ୍ରରେ ଥିବା କୃଷ୍ଣଗହ୍ୱର ଚତୁର୍ଦ୍ଦିଗରେ ପ୍ରାୟ ୨୨.୫ କୋଟି ବର୍ଷରେ ଥରେ ପରିକ୍ରମା କରେ । ଏହାକୁ କସ୍ମିକ୍ ବର୍ଷ ବା ବ୍ରହ୍ମାଣ୍ଡୀୟ ବର୍ଷ କହନ୍ତି । ସୂର୍ଯ୍ୟ ପ୍ରାୟ ଘଣ୍ଟା ପ୍ରତି ୮୦୦,୦୦୦ କି.ମି. ବେଗରେ ଏକ ବୃହଦାକାର କକ୍ଷପଥରେ ଆକାଶଗଙ୍ଗାର କେନ୍ଦ୍ର ଚତୁର୍ଦ୍ଦିଗରେ ଭ୍ରମଣ କରେ । ଏହିଭଳି ଭାବେ ଏ ଅର୍ବୁଦ-ଅର୍ବୁଦ ଗ୍ରହ-ଉପଗ୍ରହ ଆଦି ଆକାଶୀୟ ପିଣ୍ଡ ନିରନ୍ତର ଗତିଶୀଳ ଅଟନ୍ତି । ଏସବୁ ଏକ ନିୟମିତ, ବ୍ୟବସ୍ଥିତ ଗତିରେ ଭ୍ରମଣ କରୁଛନ୍ତି ।

ଯଥା ବ୍ରହ୍ମାଣ୍ଡେ ତଥା ପିଣ୍ଡେ । ଏହି ବିଶ୍ୱରେ ସତତ ଗତି ଚାଲିଥିବା ଭଳି ଆମ ଶରୀରରେ ମଧ୍ୟ ନିରନ୍ତର ଗତି ଚାଲିଛି । ପ୍ରାଣ ସଦା ଗତିଶୀଳ । ଏହା ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ, ନାଗ, କୂର୍ମ, କୃକ୍‌କଳ, ଦେବଦତ୍ତ, ଧନଞ୍ଜୟ ଆଦି ୧୦ ପ୍ରାଣ ରୂପେ ଶରୀରରେ ୧୦ ପ୍ରକାର କାର୍ଯ୍ୟ ଅବିରତ ସମ୍ପାଦନ କରୁଛି । ସେହିଭଳି ରକ୍ତ ମଧ୍ୟ ଶରୀରରେ ସଦା ଗତିଶୀଳ । ଶରୀରର ହଜାର-ହଜାର ଶିରା-ପ୍ରଶିରା ଦ୍ୱାରା ଅଶୁଦ୍ଧ ରକ୍ତ ଫୁସ୍‌ଫୁସ୍‌କୁ ଆସିବା ଓ ଧମନୀ ଦ୍ୱାରା ଶୁଦ୍ଧ ରକ୍ତ ସର୍ବାଙ୍ଗକୁ ଯିବା କାର୍ଯ୍ୟ ଅବିରତ ଲାଗିରହିଛି । ତୃତୀୟ ଗତି ହେଲା ଖାଦ୍ୟର ଗତି । ଆମେ ଯାହା କିଛି ଖାଦ୍ୟ-ପେୟ ଗ୍ରହଣ କରୁଛେ ସେସବୁ ତୁରନ୍ତ ଗତି କରିବାକୁ ଲାଗନ୍ତି । ଖାଦ୍ୟ ଆମାଶୟରେ ପହଞ୍ଚି ସେଠାରେ ତା'ର ନିରନ୍ତର ଗତି (ପରିପାକ କ୍ରିୟା) ମାଧ୍ୟମରେ ତାହା ରସ, ରକ୍ତରେ ପରିଣତ ହୁଏ । ଏହିପରି ଭାବେ ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା, ମଜ୍ଜାରୁ ବୀର୍ଯ୍ୟ ଏହିଭଳି ସପ୍ତ ଧାତୁରେ ପରିଣତ ହୁଏ ।

ପିଣ୍ଡ ହେଉ କି ବ୍ରହ୍ମାଣ୍ଡ ହେଉ ଉଭୟ ସ୍ଥାନରେ ହେଉଥିବା ଗତିରେ ଗୋଟିଏ କଥା ତ ସ୍ପଷ୍ଟ ଯେ, ଏହି ଗତି ସୁନିୟନ୍ତ୍ରିତ, ବ୍ୟବସ୍ଥିତ ଭାବେ ହେଉଛି । ଜଡ଼ ପଦାର୍ଥରେ ଚେତନାର ଅଭାବ ଥିବାରୁ ଜଡ଼ ପଦାର୍ଥର ବ୍ୟବସ୍ଥିତ ଗତି ପାଇଁ ଜଣେ ବୁଦ୍ଧିମାନ୍ ଚେତନ ବ୍ୟବସ୍ଥାପକ ଆବଶ୍ୟକ ହୋଇଥାଏ । ବିଶାଳ ସଂସାରରେ ସର୍ବତ୍ର ଏକ ସମୟରେ ଅସଂଖ୍ୟ ପ୍ରକାର କ୍ରିୟା ଚାଲିଛି । ଏ କାର୍ଯ୍ୟ ଅଳ୍ପଶକ୍ତିସମ୍ପନ୍ନ, ଅଳ୍ପଜ୍ଞ ଜୀବାତ୍ମାର ଚିନ୍ତନର ପରିସରର ମଧ୍ୟ ଅନ୍ତର୍ଗତ ନୁହେଁ । କେବଳ ସର୍ବବ୍ୟାପକ, ସର୍ବଜ୍ଞ, ସର୍ବଶକ୍ତିମାନ୍ ପରମାତ୍ମାଙ୍କ ଦ୍ୱାରା ହିଁ ଏ କାର୍ଯ୍ୟ ହେବା ସମ୍ଭବ । ବେଦ କହେ ସେହି ବ୍ରହ୍ମ ସର୍ବବ୍ୟାପକ ହୋଇଥିବାରୁ ସ୍ୱୟଂ ଗତି କରନ୍ତି ନାହିଁ, ଅଥଚ ସମ୍ପୂର୍ଣ୍ଣ ବିଶ୍ୱକୁ ବ୍ୟବସ୍ଥିତ ଗତି ଦିଅନ୍ତି — **'ତଦେଜତି ତନ୍ନୈଜତି'** (ଯଜୁଃ. ୪୦:୫) ।

'ଓ୩ମ୍' ଜପ ପୂର୍ବକ ଆମେ ଈଶ୍ୱରଙ୍କ ଗତିଦାତା ସ୍ୱରୂପକୁ ଧ୍ୟାନ କରି ନିଜ ଜୀବନରେ ସେ ଗୁଣର ଧାରଣ ପାଇଁ ସାଧନ ସଂଗ୍ରହ କରିବା ଆବଶ୍ୟକ । ଗତିଶୀଳତାରେ

ହିଁ ଆମ ରକ୍ଷା ନିହିତ । କିନ୍ତୁ ସେହି ଗତି ସୂର୍ଯ୍ୟ-ଚନ୍ଦ୍ର ଆଦିର ଗତି ଭଳି ସୁନିୟନ୍ତ୍ରିତ, ସୁବ୍ୟବସ୍ଥିତ ହେବା ଆବଶ୍ୟକ । ସହରମାନଙ୍କରେ ଗମନାଗମନ ପାଇଁ ରାସ୍ତା ନିର୍ମାଣ କରାଯାଇଥାଏ ଏବଂ ରାସ୍ତାରେ ଗତି କରିବା ପାଇଁ କେତେକ ନିୟମ ସମ୍ବଳିତ ଏକ ଶୃଙ୍ଖଳିତ ବ୍ୟବସ୍ଥା ଅଛି । ସେହି ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ଟ୍ରାଫିକ୍ ପୋଲିସ ନିଯୁକ୍ତ କରାଯାଇଥାଏ । ଯଦି କେହି ନିୟମବିରୁଦ୍ଧ ଗତି କରେ ତେବେ ସେ କେବଳ ନିଜର ହିଁ କ୍ଷତି କରେ ନାହିଁ; ଅପିତୁ ଅନ୍ୟର ବି ହାନି କରିଥାଏ । ଆମ ଦେଶରେ ବାମ ପଟେ ଯିବା, ଗାଡ଼ି ଚଳାଇବା ଓ ଡାହାଣ ପଟୁ ଅତିକ୍ରମ କରିବାର ନିୟମ ଅଛି । ଯଦି କେହି କେବେ ବାମ ତ କେବେ ଡାହାଣ ପଟେ ଯାନ-ବାହାନ ଚଳାଇବ, କେବେ ଡାହାଣ ପଟୁ ତ କେବେ ବାମ ପଟୁ ଅତିକ୍ରମ କରିବ ତେବେ ଅନ୍ୟଥା ଦୁର୍ଘଟଣା ଘଟିବ । ସିଏ ନିଜେ ବି କ୍ଷତିଗ୍ରସ୍ତ ହେବ ଓ ଅନ୍ୟର ବି ବିନାଶ କରିବ । ଯଦି କୌଣସି ଯାନ ରାସ୍ତା ଉପରେ ଗତି ଅବରୋଧ କରି ଠିଆ ହୋଇଯାଏ ତେବେ ବି ଦୁର୍ଘଟଣା ଘଟିବାର ଭୟ ଥାଏ ଓ ଲମ୍ବା ଭିଡ଼ ଲାଗିଯାଏ, ସଂଘର୍ଷର ଭୟ ଥାଏ । ଯେଉଁପରି ରାସ୍ତାରେ ନିୟମପୂର୍ବକ ଗତି କରିବା ଦ୍ୱାରା ହିଁ ସୁରକ୍ଷା ଠିକ୍ ହୁଏ, ସେହିପରି ଜୀବନର ଲମ୍ବା ଯାତ୍ରାରେ ସଦା ଅନୁଶାସିତ ରୂପେ ଗତିଶୀଳ ରହିବାରେ ହିଁ କଲ୍ୟାଣ । ଯିଏ ଚାଲେ ସିଏ ତ ଅବଶ୍ୟ ଲକ୍ଷ୍ୟରେ ଉପନୀତ ହୁଏ; କିନ୍ତୁ ସେତେବେଳେ ଯାଇ ଯେତେବେଳେ ତା'ର ଗତି ନିୟମିତ, ଶୃଙ୍ଖଳିତ, ସଂଯମିତ ହେଇଥାଏ । ବେଦରେ କୁହାଯାଇଛି — **'ଦେବା ଗାତୁ ବିଦୋ ଗାତୁ ବିତ୍ୱା ଗାତୁ ମିତ'** — ହେ ଦେବ ! ମାର୍ଗର ଜ୍ଞାନ ପ୍ରାପ୍ତ କର ଓ ମାର୍ଗକୁ ଜାଣି ସେଥିରେ ଅଗ୍ରସର ହୁଅ । **'ମା ପ୍ର ଗାମ ପଥୋ ବୟମ୍'** — ଆମେ କଦାପି ପଥଭ୍ରଷ୍ଟ ନ ହେଉ । ଏଥିପାଇଁ ସର୍ବଦା ସତର୍କ ସାବଧାନ ରହିବାକୁ ହେବ ।

ଶରୀରରେ ପ୍ରାଣର ଗତି ଅବରୁଦ୍ଧ ହୋଇଗଲେ ମୃତ୍ୟୁ ହୋଇଯାଏ । ରକ୍ତ ସଞ୍ଚାଳନ ଅବରୁଦ୍ଧ ଅଥବା ଅନିୟମିତ ହୋଇଗଲେ ଭୟଙ୍କର ରୋଗ ହୋଇ ମୃତ୍ୟୁ ହୋଇଯାଏ । ଉଦରରେ ଖାଦ୍ୟର ଗତି ମନ୍ଦ, ଅବରୁଦ୍ଧ ହେଲେ କବ୍‌ଜ, କୋଷ୍ଠକାଠିନ୍ୟ, ବାୟୁବିକାର ଆଦି ହୋଇ ଭୟଙ୍କର ରୋଗ ହୋଇଯାଏ । ଅତଃ ଶରୀରକୁ ଗତିଶୀଳ ରଖିବା ଏବଂ ପ୍ରାଣ-ରକ୍ତ-ଅନ୍ନ ଆଦିର ଗତିକୁ ନିୟମିତ କରି ରଖିବା ପାଇଁ ବ୍ୟବସ୍ଥିତ ରୂପେ ଆହାର-ବିହାର, ବ୍ୟାୟାମ-ପ୍ରାଣାୟାମ ଆଦିର ବିଧାନ କରାଯାଇଛି । ମସ୍ତିଷ୍କରେ ଉଠୁଥିବା ବିଚାରଧାରା ଠାରୁ ଆରମ୍ଭ କରି ମନ ଦ୍ୱାରା ଜାଣିବା ତଥା କର୍ମେନ୍ଦ୍ରିୟର ପ୍ରତ୍ୟେକ ଚେଷ୍ଟା ପର୍ଯ୍ୟନ୍ତ ସବୁ ଗତି ଅଟେ । ବାସ୍, ଏହା ନିୟମିତ-ଶୃଙ୍ଖଳିତ ହେବା ଆବଶ୍ୟକ । ଯେତେବେଳେ ବୁଦ୍ଧିର ଗତି ନିୟମିତ ହୁଏ ସେତେବେଳେ ଆମେ ଶ୍ରେଷ୍ଠ ବିଚାର, ଭଲ ବିଚାର କରିଥାଉ । କିନ୍ତୁ ଯେତେବେଳେ ମସ୍ତିଷ୍କର ସନ୍ତୁଳନ ଠିକ୍ ନ ଥାଏ, ସେତେବେଳେ ଆମେ ଭୁଲ୍ ବିଚାର, ଅନୁଚିତ ବିଚାର କରିଥାଉ । ସେତେବେଳେ ବୁଦ୍ଧି କୁବିଚାର ଉତ୍ପନ୍ନ କରିଥାଏ । ଏହିପରି ଯଦି ମନର ଗତି ଆତ୍ମା ଦ୍ୱାରା ସୁନିୟନ୍ତ୍ରିତ ଥାଏ ତେବେ ଏହା ଦ୍ୱାରା ଶିବସଂକଳ୍ପ କରାଯାଏ । କିନ୍ତୁ ମନ ଯେତେବେଳେ ଚଞ୍ଚଳ, ଅନିୟମିତ ରହେ ସେତେବେଳେ ଏଥିରେ ବିକଳ୍ପ ବା ଅଶିବ ସଂକଳ୍ପ ଉଠିଥାଏ । ଏଥିପାଇଁ ସଦା ସଚେତନ ରହିବା ଆବଶ୍ୟକ । ଯେତେବେଳେ ବର୍ଷା ହେଉଥାଏ, ସେତେବେଳେ ଆମେ ପ୍ରାୟତଃ ସାବଧାନ ହୋଇ ଚାଲିଥାଉ । ଏଣୁ ସୁରକ୍ଷିତ ରୂପେ ସ୍ୱ ଗନ୍ତବ୍ୟ ସ୍ଥାନରେ ପହଞ୍ଚୁଥାଉ । କିନ୍ତୁ ବର୍ଷା ଛାଡ଼ିଯିବା ପରେପରେ ବହୁଧା ଲୋକ ଅସାବଧାନ ହୋଇଯାନ୍ତି । ତେଣୁ ଅଧିକ ଲୋକଙ୍କ ପାଦ ଏ ସମୟରେ ଖସିଥାଏ ।

ଏଣୁ ବେଦ କହେ ସଦା ଜାଗରୁକ ରୁହ, ସଚେତନ ରୁହ ଏବଂ ସୁବ୍ୟବସ୍ଥିତ ଢଙ୍ଗରେ ଜୀବନଯାତ୍ରାରେ ଆଗକୁ ବଢ଼ିଚାଲ । ଆମେ ସଦା କର୍ମଶୀଳ ରହିବା, ଆମ ମନକୁ ନିୟନ୍ତ୍ରିତ, ବେଦାନୁକୂଳ ରଖିବା । ଆମେ ଅକର୍ମା-ନଷ୍କର୍ମା ହୋଇ ବସିରହିବା ନାହିଁ କି ବେଦ-ଶାସ୍ତ୍ର ବିରୁଦ୍ଧ କର୍ମ କରିବା ନାହିଁ । ବେଦରେ ଅକର୍ମାକୁ ଦସ୍ୟୁ ବୋଲି କୁହାଯାଇଛି — **'ଅକର୍ମା ଦସ୍ୟୁଃ'**(ଋକ୍. ୧୦:୨୨:୮) । ଖାଲି ମନ, ନିକମା ମନ ସଇତାନ୍‌ର କ୍ରୀଡ଼ାସ୍ଥଳୀ ହୋଇଯାଏ । ଆମେ

ଦିନର ୨୪ ଘଣ୍ଟାର ଏକ ସୁନିଶ୍ଚିତ କାର୍ଯ୍ୟନିର୍ଘଣ୍ଟ ତିଆରି କରିବା ଏବଂ ଏହି ମନକୁ କେବେ ବି ଖାଲି ରହିବାକୁ ଦେବା ନାହିଁ ।

'ଓମ୍' ଜପ ପୂର୍ବକ ଈଶ୍ୱରଙ୍କ ଗତିଦାତା ସ୍ୱରୂପକୁ ଚିନ୍ତନ କରି ଈଶ୍ୱରଙ୍କ ପ୍ରେରଣା — **'କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ'** (ଯଜୁଃ. ୪୦:୨)— 'ହେ ମଣିଷ ! ଏହି ସଂସାରରେ ଧର୍ମଯୁକ୍ତ ନିଷ୍କାମ କର୍ମ କରି-କରି ହିଁ ଶହେ ବର୍ଷବଞ୍ଚିବାର ଅଭିଳାଷ କର'କୁ ଅନ୍ତରରେ ଅନୁଭବ କରି ପରମାତ୍ମାଙ୍କୁ ପ୍ରାର୍ଥନା କରିବା ଉଚିତ — 'ହେ ଦେବ ! ଯେପରି ସମ୍ପୂର୍ଣ୍ଣ ବିଶ୍ୱ ଆପଣଙ୍କ ପ୍ରେରଣାରେ ଏକ ବ୍ୟବସ୍ଥିତ ପଦ୍ଧତିରେ ଗତି କରୁଛି ସେହିପରି ମୁଁ ମଧ୍ୟ ନିୟମିତ ସତ୍କର୍ମରେ ଲାଗିରହେ । କଦାପି ଆଳସ୍ୟ-ପ୍ରମାଦରେ ଦୁର୍ଲଭ ମନୁଷ୍ୟ ଜୀବନର ଅପଚୟ ନ କରେ । ଏଥିରେ ହିଁ ମୋ ଜୀବନର ସଫଳତା, ଏଥିରେ ହିଁ ମୋର ଆତ୍ମାର ଉତ୍ଥାନ ନିହିତ । ଆପଣ ସଂସାରରେ ଗତି ଦେବା ଭଳି ମୁଁ ମଧ୍ୟ ସମାଜରେ ଯେଉଁ କ୍ଷେତ୍ରରେ ରହେ ସେ ସ୍ଥାନରୁ ଅକର୍ମଣ୍ୟତାକୁ ଦୂର କରେ ଏବଂ ଗତିଶୀଳତା, କ୍ରିୟାଶୀଳତା ଉତ୍ପନ୍ନ କରେ । ମୋ ସଂପର୍କରେ ଆସୁଥିବା ବ୍ୟକ୍ତିଙ୍କ ମନରୁ ନିରାଶା-ହତାଶା ଦୂର କରି ସେମାନଙ୍କୁ ଆଶା-ବିଶ୍ୱାସର ଭାବନାରେ ଓତଃପ୍ରୋତ କରେ ।'

**୩. କାନ୍ତ ଅର୍ଥାତ୍ କମନୀୟ, କାନ୍ତିମୟ —** ଆମେ ସାଧାରଣତଃ କୌଣସି ପଦାର୍ଥକୁ ରୂପ, ସୌନ୍ଦର୍ଯ୍ୟ ଆଧାରରେ କମନୀୟ କହିଥାଉ । ମଣିଷ କେବଳ ରୂପ ଆଧାରରେ ହିଁ ସୁନ୍ଦର, କମନୀୟ ହୋଇ ନ ଥାଏ; ବରଂ ଶୀଳ-ସ୍ୱଭାବ, ଚରିତ୍ର, ଗୁଣ ଆଦି ଆଧାରରେ ବି ସୁନ୍ଦର, କମନୀୟ, କାନ୍ତିମୟ ବୋଲାଇଥାଏ । କୁରୂପ ବ୍ୟକ୍ତି ବି ସୁନ୍ଦର ଗୁଣ-କର୍ମ-ସ୍ୱଭାବ ଦୃଷ୍ଟିରୁ କମନୀୟ ହୋଇଥାଏ ।

ରୂପ, ଆକାର ଜଡ଼ ପଦାର୍ଥର ଗୁଣ, ଚେତନର ନୁହେଁ । ଆତ୍ମା ଓ ପରମାତ୍ମା ଉଭୟ ଚେତନ ସତ୍ତା ହୋଇଥିବାରୁ ରୂପ, ଆକାର ରହିତ । ସେମାନଙ୍କୁ ଚକ୍ଷୁ ଦ୍ୱାରା ଦେଖାଯାଇପାରେ ନାହିଁ । କିନ୍ତୁ ପରମାତ୍ମାଙ୍କ ଭିତରେ ବିଦ୍ୟମାନ ଅନ୍ୟ ଅନେକ ଗୁଣକୁ ଚିନ୍ତନ କଲେ ପରମାତ୍ମା କିପରି କମନୀୟ, ସୁନ୍ଦର ତାହା ଆମେ ଜାଣିପାରିବା । ଉଦାହରଣସ୍ୱରୂପ ଏ ସୁନ୍ଦର ସୃଷ୍ଟିକୁ ଦେଖିଲେ ଏହାର ସ୍ରଷ୍ଟାଙ୍କ ଗୁଣ, ସ୍ୱଭାବ କେତେ ସୁନ୍ଦର ହୋଇଥିବ ତାହା ଅନୁମାନ ହୋଇଥାଏ । କାରଣ ରଚନାକୁ ଦେଖି ରଚୟିତାଙ୍କ ଗୁଣର ଅନୁମାନ ହୋଇଥାଏ । ଈଶ୍ୱରଙ୍କ ରଚିତ ଏହି ସଂସାର କେତେ ସୁନ୍ଦର । ଏଠି ପ୍ରାଣଦାୟକ ମୃଦୁ-ମନ୍ଦ-ଶୀତଳ ସମୀରଣ, ଶାନ୍ତିଦାୟକ ଶୀତଳ ଜଳ, ରତ୍ନଗର୍ଭା ପୃଥିବୀ, ପ୍ରାତଃ-ସାୟଂକାଳର ବିହଙ୍ଗମ କାକଳୀ ସହ ମନୋହର ଦୃଶ୍ୟ, ଦିଗନ୍ତ ବିସ୍ତାରୀ ସମୁଦ୍ର, କୁଞ୍ଝୁକୁଞ୍ଝିକା ପର୍ବତମାଳା, ଘଞ୍ଚ ବନାନୀ, ଅସଂଖ୍ୟ ପ୍ରକାର ସୁନ୍ଦର-ସୁଗନ୍ଧିତ ଫୁଲ, ଭଳିକିଭଳି ସ୍ୱାଦିଷ୍ଟ ଫଳ-ମୂଳ ଆଦି ଅସଂଖ୍ୟ ଆନନ୍ଦ-ପ୍ରସନ୍ନତାଦାୟକ ସୁନ୍ଦର ପଦାର୍ଥ ବିଦ୍ୟମାନ । ଅତଃ ଏହାର ରଚୟିତାଙ୍କ ଗୁଣ-ସ୍ୱଭାବ କେତେ ସୁନ୍ଦର ହୋଇଥିବ ! ଏତେ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ରଚନାକୁ ଦେଖିଲେ ତାଙ୍କ କର୍ମର ସୁନ୍ଦରତା ଜଣାଯାଏ । ଏହି ସୌନ୍ଦର୍ଯ୍ୟ ଆମ ଜୀବନର ରକ୍ଷକ ମଧ୍ୟ । ସୁନ୍ଦର ପତ୍ର-ପୁଷ୍ପ, ବାତାବରଣ ଆମକୁ ପ୍ରସନ୍ନତା ଦିଏ । ପ୍ରସନ୍ନତା ହିଁ ସୁନ୍ଦର ସ୍ୱାସ୍ଥ୍ୟର ଚାବିକାଠି । ଅତଃ ସ୍ୱଚ୍ଛତା-ସୁନ୍ଦରତା ସ୍ୱାସ୍ଥ୍ୟବର୍ଦ୍ଧକ, ଜୀବନରକ୍ଷକ । ଏଣୁ ଈଶ୍ୱରଙ୍କଠାରୁ ଏ ପ୍ରେରଣା ବି ନେବା ଆବଶ୍ୟକ ଯେ ଆମ ଦ୍ୱାରା ନିର୍ମିତ ପଦାର୍ଥଗୁଡ଼ିକ ଦୃଢ଼ ହେବା ସହ ସୁନ୍ଦର, ଆକର୍ଷଣ, କମନୀୟ ବି ହେବା ଉଚିତ ।

ବ୍ୟକ୍ତିର ଗୁଣ-କର୍ମ-ସ୍ୱଭାବ ପବିତ୍ର ହେଲେ ତା'ର ବ୍ୟକ୍ତିତ୍ୱ ସୁନ୍ଦର, କମନୀୟ, ଆକର୍ଷକ ହୋଇଥାଏ । ପରମାତ୍ମାଙ୍କ ଗୁଣ-କର୍ମ-ସ୍ୱଭାବ ପବିତ୍ର ହୋଇଥିବାରୁ ସେ କମନୀୟ । ପରମାତ୍ମାଙ୍କ ପବିତ୍ର ଗୁଣ-କର୍ମ-ସ୍ୱଭାବର ଚିନ୍ତନପୂର୍ବକ ଆମେ ତନୁ-ମନ-ଧନରେ ପବିତ୍ର ରହିବା ଆବଶ୍ୟକ । ଏଥିପାଇଁ ସନ୍ଧ୍ୟୋପାସନାର ମାର୍ଜନ ମନ୍ତ୍ରରେ ଉଭୟ ସମୟ ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କରୁ — **'ଓମ୍ ଭୂଃ ପୁନାତୁ ଶିରସି...'** — ହେ ସକଳ ଜଗତର ଜୀବନର

ଆଧାର, ପ୍ରାଣପ୍ରିୟ ! ମୋର ମସ୍ତିଷ୍କକୁ ପବିତ୍ର କରନ୍ତୁ । ସମସ୍ତ ଦୁଃଖରୁ ରହିତ, ସକଳ ଦୁଃଖ ବିନାଶକ ! ଚକ୍ଷୁଦ୍ୱୟକୁ ପବିତ୍ର କରନ୍ତୁ । ସୁଖସ୍ୱରୂପ, ସୁଖପ୍ରଦାତା ! କର୍ଣ୍ଣରେ ପବିତ୍ରତା ଭରିଦିଅନ୍ତୁ । ସର୍ବପୂଜ୍ୟ, ପରମମହାନ୍ ମହେଶ୍ୱର ! ହୃଦୟକୁ ପବିତ୍ର କରନ୍ତୁ । ସର୍ବଜଗଦୁତ୍ପାଦକ ! ନାଭିରେ ପବିତ୍ରତା ଦିଅନ୍ତୁ । ଦୁଷ୍ଟସନ୍ତାପକ, ଜ୍ଞାନସ୍ୱରୂପ ! ପାଦ ଦ୍ୱୟକୁ ପବିତ୍ର କରନ୍ତୁ । ଅବିନାଶୀ, ସତ୍ୟସ୍ୱରୂପ ଈଶ୍ୱର ! ଶିରରେ ପବିତ୍ରତା ଭରି ଦିଅନ୍ତୁ । ଆକାଶ ସମ ସର୍ବବ୍ୟାପକ ପରମେଶ୍ୱର ! ସମଗ୍ର ଶରୀରକୁ, ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗକୁ ପବିତ୍ର କରନ୍ତୁ ।'

ପବିତ୍ରତା ଜୀବନକୁ ସୁନ୍ଦର କରିବା ସହ ରକ୍ଷା ମଧ୍ୟ କରେ । ପବିତ୍ର ବିଚାର, ପବିତ୍ର କର୍ମ, ପବିତ୍ର ଭୋଜନ, ପବିତ୍ର ବାତାବରଣ ଆମ ଜୀବନର ରକ୍ଷକ । ଏହାର ବିପରୀତରେ ଅପବିତ୍ର ବିଚାର, ଅପବିତ୍ର ଦୁଷ୍ଟ କର୍ମ, ମାଂସ-ମଦିରାଦି ଅପବିତ୍ର ଭୋଜନ ଜୀବନ-ବିନାଶକ । ବେଦ କହେ ଆମ ଏ ଜୀବନ ପବିତ୍ର ଯଜ୍ଞମୟ ହେବା ଉଚିତ — **'ଇୟଂ ତେ ଯଜ୍ଞିୟା ତନୂଃ'**(ଯଜୁଃ. ୪:୧୩) । ଏହି ଯଜ୍ଞକୁ ଅନୁଷ୍ଠାନ କରୁଥିବା ମନ, ବୁଦ୍ଧି, ନେତ୍ର, ଶ୍ରୋତ୍ର, ଜିହ୍ୱା, ହସ୍ତ, ନାସିକା ଆଦି ସମସ୍ତେ ପବିତ୍ର ହେବା ବାଞ୍ଛନୀୟ । ଯେତେବେଳେ ବୁଦ୍ଧି ପବିତ୍ର ବିଚାର କରେ, ମନ ପବିତ୍ର ସଂକଳ୍ପ କରେ, ଇନ୍ଦ୍ରିୟଗଣ ସ୍ୱ-ସ୍ୱ କାର୍ଯ୍ୟ ପବିତ୍ରତା ପୂର୍ବକ ସଂପାଦନ କରନ୍ତି, ସେତେବେଳେ ଯାଇ ଏହି ଜୀବନ-ଯଜ୍ଞ ସମ୍ପନ୍ନ ହୁଏ । ଅନ୍ୟଥା ଜୀବନ-ଯଜ୍ଞର ବିନାଶ ହୋଇଯାଏ । ପବିତ୍ର ଅନ୍ତଃକରଣରେ ହିଁ ସେହି ପରମ-ପବିତ୍ରଙ୍କ ଦର୍ଶନ, ସାକ୍ଷାତକାର ସମ୍ଭବ ।

ବିଚାର ଅପବିତ୍ର ହେଲେ ତା'ର ବଡ଼ ଦୁଷ୍ପ୍ରଭାବ ପଡେ ବ୍ୟଷ୍ଟି ଓ ସମଷ୍ଟି ଉପରେ । **'ପାବକା ନଃ ସରସ୍ୱତୀ'** (ଋକ୍. ୧:୩:୧୦)— ପରମାତ୍ମାଙ୍କ କଲ୍ୟାଣୀ ବେଦବାଣୀ ଆମର ପବିତ୍ରକାରିଣୀ ଅଟେ । ଏହାର ପଠନ-ପାଠନ ଦ୍ୱାରା ଆମ ବାଣୀ ପବିତ୍ର ହୋଇଯାଏ । ଏହାକୁ ଶୁଣିବା-ଶୁଣାଇବା ଦ୍ୱାରା ଶ୍ରୋତ୍ର ପବିତ୍ର ହୁଏ । ଏହାର ମନନ-ଚିନ୍ତନ ଦ୍ୱାରା ମନ-ବୁଦ୍ଧି ପବିତ୍ର ହୁଏ । ଯେଉଁ ପରିବାରରେ ନିତ୍ୟ ବେଦ ସ୍ୱାଧ୍ୟାୟ ହୁଏ ସେ ପରିବାର ପବିତ୍ର ହୋଇଯାଏ । ଯେଉଁ ସମାଜ-ସଂଗଠନ ବେଦକୁ ପଢ଼ିବ-ପଢ଼ାଇବା, ଶୁଣିବା-ଶୁଣାଇବାକୁ ପରମ ଧର୍ମ ବୋଲି ଅନ୍ତରର ସହ ସ୍ୱୀକାର କରି ତଦନୁସାରେ ସମର୍ପିତ ଭାବନାରେ ଆଚରଣ, କ୍ରିୟାନ୍ୱୟନ କରେ ସେ ସମାଜ ପବିତ୍ର, ମହାନ୍ ହୋଇଯାଏ । ପବିତ୍ରତା ହିଁ ଜୀବନ, ଅପବିତ୍ରତା ହିଁ ମୃତ୍ୟୁ ଅଟେ । ପବିତ୍ରାତ୍ମା ବ୍ୟକ୍ତି ମୃତ୍ୟୁ ପରେ ମଧ୍ୟ ସମାଜରେ ଅମର ହୋଇଥାଏ ଏବଂ ଅପବିତ୍ରାତ୍ମା ଜୀବିତ ଥାଇ ସୁଦ୍ଧା ମୃତବତ୍ ତିରସ୍କୃତ ହୋଇଥାଏ ।

ଧନ ବିଷୟରେ ପବିତ୍ର ରହିବା ଉପରେ ମହର୍ଷି ମନୁ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ସେ ଲେଖନ୍ତି—

**ସର୍ବେଷାମେବ ଶୌଚାନମର୍ଥଶୌଚଂ ପରଂ ସ୍ମୃତମ୍ । ଯୋଽର୍ଥେ ଶୁଚିର୍ହି ସ ଶୁଚିର୍ନ ମୃଦ୍‌ବାରିଶୁଚିଃ ଶୁଚିଃ ॥** (ମନୁ. ୫:୧୦୬)

ସମସ୍ତ ପ୍ରକାର ପବିତ୍ରତା ମଧ୍ୟରେ ଅର୍ଥ ସମ୍ବନ୍ଧୀୟ ପବିତ୍ରତାର ଅଧିକ ମହତ୍ତ୍ୱ ଅଛି । ଯିଏ ଅର୍ଥ ଉପାର୍ଜନ-ବ୍ୟୟ, ଦେବା-ନେବା ଆଦି ବିଷୟରେ ପବିତ୍ର ସିଏ ହିଁ ବସ୍ତୁତଃ ପବିତ୍ର । ମାଟି, ପାଣି ଆଦି ବିଷୟକ ପବିତ୍ରତାର ସେତେଟା ମହତ୍ତ୍ୱ ନାହିଁ ଅର୍ଥାତ୍ ଆମେ ଦିନରେ କେତେ ଥର ସ୍ନାନ କରୁଛନ୍ତି, କେତେ ଥର ଅଣ୍ଠାପାଣି କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଆମେ ଛଳ-କପଟ-ମିଥ୍ୟା-ଧୋକା-ବେଇମାନି କରୁନାହେଁ ତ ? ଧନ ଲୋଭରେ ଅପମିଶ୍ରଣ, କଳାବଜାରୀ, ଲାଞ୍ଚ-ମିଛ, ଅନୀତି-ଦୁର୍ନୀତି, ଅର୍ଥ ଆତ୍ମସାତ୍-ତୋଷାରପାତ, କୋଠ ପାଣ୍ଠି ହଡ଼ପ, କାହାଠୁ ଧାର ନେଇ ନ ଫେରାଇବା, ସମୟ ଅନୁସାରେ ନ ଫେରାଇବା ଆଦି ଅପବିତ୍ର କର୍ମ କରୁନାହେଁ ତ ? ଏସବୁ କର୍ମ ମଣିଷର ବ୍ୟକ୍ତିତ୍ୱକୁ ଅସୁନ୍ଦର, କୁତ୍ସିତ, କାନ୍ତିହୀନ କରିଦିଏ । ଏଭଳି କର୍ମ କରୁଥିବା ବ୍ୟକ୍ତି 'ଓମ୍' ଜପର ସୁଫଳ ପାଇପାରିନଥାଏ ।

ଏଣୁ 'ଓମ୍' ଜପ ପୂର୍ବକ ସାଧକ ନିଜ ଜୀବନକୁ ସୁନ୍ଦର, କମନୀୟ କରିବା ନିମିତ୍ତସର୍ବଦା ତନୁ-ମନ-ଧନରେ

ପବିତ୍ର ରହିବା ପାଇଁ ପ୍ରାର୍ଥନା କରିବା ଉଚିତ । ଆମେ ପରମାତ୍ମାଙ୍କୁ ପ୍ରାର୍ଥନା କରିବା ଉଚିତ— 'ହେ କମନୀୟ ପ୍ରଭୋ ! ଆମକୁ ଆନ୍ତରିକ ରୂପେ ସୁନ୍ଦର କରନ୍ତୁ, ଆମର ଗୁଣ-କର୍ମ-ସ୍ୱଭାବ ଉତ୍ତମ ହୋଇ ବ୍ୟକ୍ତିତ୍ୱ ସୁନ୍ଦର-କମନୀୟ ହେଉ । ଆମକୁ ଅର୍ଥ ଉପାର୍ଜନ ପାଇଁ ସୁପଥ-ସତ୍‌ପଥରେ ନେଇଚାଲନ୍ତୁ । ପବିତ୍ର ଉପାର୍ଜନ ଦ୍ୱାରା ଆମ ଅନ୍ତଃକରଣ ପବିତ୍ର ହେଉ ।'

**୪. ପ୍ରେମମୟ, ପ୍ରୀତିଯୋଗ୍ୟ, ପ୍ରତିଦାତା—** ପରମାତ୍ମା ପ୍ରେମମୟ ଅଟନ୍ତି । ପରମାତ୍ମା ଆମକୁ ପ୍ରେମ କରୁଥିବାରୁ ହିଁ ଆମର ପୂର୍ବ କର୍ମର ଫଳ ଭୋଗ ସାଙ୍ଗକୁ ଆମର ଉତ୍କର୍ଷ ସାଧନ ନିମନ୍ତେ, ଜୀବାତ୍ମାକୁ ମୁକ୍ତିର ଆନନ୍ଦର ଅଧିକାରୀ ହେବା ସକାଶେ ସୁଯୋଗ ପ୍ରଦାନ ନିମିତ୍ତ ସାଧନ ରୂପେ ଏ ସୁନ୍ଦର ସଂସାର ରଚନା କରିଛନ୍ତି । ଆମର ସର୍ବାଙ୍ଗୀଣ କଲ୍ୟାଣ କାମନାରେ ସମସ୍ତ ଜ୍ଞାନ-ବିଜ୍ଞାନର ଭଣ୍ଡାର ବେଦ ପ୍ରଦାନ କରିଛନ୍ତି । ପ୍ରେମମୟ ପ୍ରଭୁ ପ୍ରତ୍ୟେକ ପ୍ରାଣୀ ଭିତରେ ପ୍ରାଣ ସଞ୍ଚାର କରିବା ସହ ପ୍ରେମର ସଞ୍ଚାର ମଧ୍ୟ କରିଛନ୍ତି । ତେଣୁ ସେ ପ୍ରୀତିପ୍ରଦାତା ଅଟନ୍ତି । ପ୍ରେମ-ଶ୍ରଦ୍ଧା-ଭକ୍ତି-ପ୍ରଣୟ-ସ୍ନେହ ଏସବୁ ପ୍ରେମର ହିଁ ବିବିଧ ରୂପ । ସ୍ୱଭାବ କବି ଗଙ୍ଗାଧରଙ୍କ ଭାଷାରେ—

ଜନନୀର ସ୍ନେହ ଜାୟାର ପ୍ରଣୟ
ବୁଧ-ବନ୍ଧୁ ସଦାଳାପ,
ଜନକ ଆଦର ଏକ ଏକ ଝର
ତଡ଼ି ଦେଉଛନ୍ତି ତାପ ରେ ଜୀବନ ।
(ମଧୁମୟ)

ଏହି ପ୍ରୀତି ସେହି ପ୍ରେମମୟ ପ୍ରଭୁଙ୍କ ଅନ୍ୟତମ କଳା । ଆମେ ପ୍ରତ୍ୟେକ ପ୍ରାଣୀର ହୃଦୟରେ ଏହାର ସଞ୍ଚାର ପାଉ । ଏହି ପ୍ରେମ ହିଁ ଜୀବନର ରକ୍ଷକ । ଯଦି ମାତା-ପିତାଙ୍କ ହୃଦୟରେ ସନ୍ତାନ ପ୍ରତି ପ୍ରେମ ନ ରହେ ତେବେ କିଏ ତା'ର ଲାଳନ-ପାଳନ କରିବ ? କିଏ ସନ୍ତାନ ପାଇଁ ଏତେ କଷ୍ଟ ସହିବ ? ମାଆ ସେହି ପବିତ୍ର ପ୍ରେମରେ ପରିପୂର୍ଣ୍ଣ ହୋଇ ସନ୍ତାନର ଲାଳନ-ପାଳନ ପାଇଁ ଯେଉଁ କଷ୍ଟ ସହନ କରେ ତାହା ବର୍ଣ୍ଣନାତୀତ । ଶିଶୁର ମଳ-ମୂତ୍ର ସଫା କରିବା, ରୋଗ ହେଲେ ରାତି-ରାତି ଉଜାଗର ରହି ସେବା କରିବା, ସନ୍ତାନର ସୁଖ ପାଇଁ ନିଜର ସମସ୍ତ ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେବା ଇତ୍ୟାଦି ମୂଳରେ ସେହି ସ୍ୱର୍ଗୀୟ ପ୍ରେମ ହିଁ ନିହିତ । ସନ୍ତାନ ପ୍ରତି ପ୍ରେମର ଭାବନା ଯୋଗୁଁ ହିଁ ପିତା ସନ୍ତାନ ପାଇଁ ନିଜର ସମସ୍ତ ଉପାର୍ଜନ ଅକାତରେ ବ୍ୟୟ କରିଦିଅନ୍ତି । ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ—

ପିତା ମାତା ବନ୍ଧୁ ଭାଇ ଭଗିନୀର
ହୃଦୟେ ଦେଇଛ ପ୍ରୀତି,
ତେଣୁ ମୁଁ ସଂସାରେ ରହିଛି ଆନନ୍ଦେ
ସୁଖ ଭୁଞ୍ଜି ନିତି ନିତି ।
(ସ୍ତବ)

କେବଳ ମଣିଷ ସମାଜରେ ନୁହେଁ ପ୍ରତ୍ୟେକ ପ୍ରାଣୀ କ୍ଷେତ୍ରରେ ଏ ବାତ୍ସଲ୍ୟ ପ୍ରେମ ଦୃଷ୍ଟିଗୋଚର ହୁଏ ଯାହାକି ସେହି ପ୍ରାଣୀର ଶାବକର ରକ୍ଷା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଦେଶପ୍ରେମର ଭାବନାରେ ଉଦ୍‌ବୁଦ୍ଧ ବୀର ହସି-ହସି ଦେଶ ପାଇଁ ଜୀବନକୁ ବଳି ଦେଇଦିଏ । ବନ୍ଧୁ ପାଇଁ ବନ୍ଧୁ ପ୍ରାଣ ଦେବା ଦୃଷ୍ଟାନ୍ତ ବି ବିରଳ ନୁହେଁ । ସ୍ୱାମୀ, ମୁନିବର ରକ୍ଷା ପାଇଁ ସେବକ ନିଜ ଜୀବନ ଉତ୍ସର୍ଗ କରିଥିବାର ସାକ୍ଷ୍ୟ ଇତିହାସ ଦିଏ । ଏସବୁ ସେହି ପ୍ରଭୁପ୍ରଦତ୍ତ ଅଦ୍‌ଭୁତ ପ୍ରେମ-ପ୍ରୀତିର ଚମତ୍କାର । କୌଣସି ଅଚିହ୍ନା-ଅଜଣା-ଅପରିଚିତ ବ୍ୟକ୍ତିକୁ ଦୁଃଖରେ ଘାଣ୍ଟି ହେଉଥିବାର ଦେଖିଲେ ଆମ ଭିତରେ ଆପେ ଯେଉଁ କରୁଣାର ରସ ସଞ୍ଚାର ହୁଏ ତାହା ସେଇ ପ୍ରୀତିଦାତା ପରମାତ୍ମାଙ୍କ ତରଫରୁ । ବିଶ୍ୱର କୌଣସି ସ୍ଥାନରେ ମାନବିକତା ବିପନ୍ନ ହେଲେ, ପ୍ରାକୃତିକ କି ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଆମ ଭିତରେ ସ୍ୱତଃ ଯେଉଁ ଦୟା-କରୁଣା-ସହଯୋଗର ଭାବ ଉଦ୍ରେକ ହୁଏ, ଏହା ସେହି ପ୍ରୀତିଦାତା ପରମାତ୍ମାଙ୍କ ଅବଦାନ । ଅତଃ ପ୍ରାଣୀମାତ୍ରକେ ପ୍ରତ୍ୟେକଙ୍କ ରକ୍ଷା ପାଇଁ, ଦେଶ-ଧର୍ମ-ଜାତିର ସୁରକ୍ଷା-ଉତ୍‌ଥାନରେ ପ୍ରେମର ପ୍ରମୁଖ ଭୂମିକା

ରହିଛି । ଏଥିପାଇଁ ଆମେ ପ୍ରାର୍ଥନା କରୁ — **'ପ୍ରିୟୋ ଦେବାନାଂ ଭୂୟାସମ୍'** (ଅଥର୍ବ. ୧୭:୧:୨)— ମୁଁ ଦେବଙ୍କ ପ୍ରିୟ ହୁଏ । **'ପ୍ରିୟଃ ପ୍ରଜାନାଂ ଭୂୟାସମ୍'** (ଅଥର୍ବ. ୧୭:୧:୩)— ମୁଁ ପ୍ରଜାଙ୍କ ପ୍ରିୟ ହୁଏ । **'ପ୍ରିୟଃ ପଶୂନାଂ ଭୂୟାସମ୍'**(ଅଥର୍ବ. ୧୭:୧:୪) — ମୁଁ ପଶୁମାନଙ୍କ ପ୍ରିୟ ହୁଏ, ପଶୁମାନଙ୍କୁ ପ୍ରେମ କରେ । ପ୍ରଭୁଙ୍କ ଆଦେଶ ହେଲା — **'ପ୍ରିୟ ସର୍ବସ୍ମ ପଶ୍ୟତ'** — ସମସ୍ତଙ୍କୁ ପ୍ରେମ ଦୃଷ୍ଟିରେ ଦେଖ । **'ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ'**(ଯଜୁଃ. ୩୬:୧୮) — ଆମେ ସମସ୍ତେ ପରସ୍ପରକୁ ମିତ୍ର ଦୃଷ୍ଟିରେ ଦେଖୁ । ଆମେ ଆମ ପ୍ରେମର ଡୋରକୁ ବଢ଼ାଇ ଚାଲୁ ।

ମଣିଷ ଯାହାକୁ ପ୍ରେମ କରେ ତା'ର ଅନୁକୂଳ ହେବାକୁ ସ୍ୱାଭାବିକ ରୂପେ ଚେଷ୍ଟା କରେ, ତା'ର ଗୁଣ-କର୍ମ-ସ୍ୱଭାବ ସ୍ୱତଃ ଯା' ଭିତରକୁ ଆସିବାକୁ ଲାଗେ । ଆତ୍ମା ଯଦି ଜଡ଼ ପଦାର୍ଥକୁ ଭଲ ପାଏ ତେବେ ମୋହର ବନ୍ଧନରେ ଆବଦ୍ଧ ହୋଇଯାଏ, ତା'ର ଆତ୍ମାର, ଚେତନତାର ପ୍ରଗତି ବ୍ୟାହତ ହୁଏ; ଆତ୍ମିକ ଅଧଃପତନ ହୁଏ । ଯେହେତୁ ପରମାତ୍ମାଙ୍କ ପାଖରେ ଜ୍ଞାନ, ଆନନ୍ଦ, ବଳ, ଉଦାରତା, ସହିଷ୍ଣୁତା, ନିଷ୍କାମତା, ପରୋପକାର ଆଦି ଅସଂଖ୍ୟ ଦିବ୍ୟ ଗୁଣ ବିଦ୍ୟମାନ ତେଣୁ ପରମାତ୍ମା ହିଁ ଯଥାର୍ଥରେ ଆତ୍ମାର ପ୍ରୀତିର ଯୋଗ୍ୟ । ଯେହେତୁ ପରମାତ୍ମା ଜୀବାତ୍ମାର ସତତ କଲ୍ୟାଣ କରୁଛନ୍ତି, ଜୀବାତ୍ମାକୁ ସତତ ସନ୍ମାର୍ଗ ପ୍ରଦର୍ଶନ କରୁଛନ୍ତି, ଜୀବାତ୍ମାଠୁ ତାଙ୍କର କିଛି ପ୍ରତିଦାନ ପାଇବାର ଆକାଂକ୍ଷା ନାହିଁ, ତେଣୁ ସେ ଜୀବାତ୍ମାର ସର୍ବୋପରି ପ୍ରୀତିଯୋଗ୍ୟ । ଏଣୁ ବେଦରେ କୁହାଯାଇଛି — **'ପ୍ରିୟାଣାଂ ତ୍ୱା ପ୍ରିୟପତିଂ ହବାମହେ'** (ଯଜୁଃ. ୨୩:୧୯) — ହେ ପ୍ରଭୋ ! ଆମର ସମସ୍ତ ପ୍ରିୟ ପଦାର୍ଥର ରକ୍ଷକ, ସ୍ୱାମୀ, ପ୍ରଦାତା ଆପଣ ହିଁ ଅଟନ୍ତି । ଆମେ ଆପଣଙ୍କୁ ପ୍ରୀତି କରୁ ।

'ଓମ୍' ଜପ କରି-କରି ସାଧକ ପରମାତ୍ମାଙ୍କ ଏହି ପ୍ରେମମୟ, ପ୍ରୀତିଦାତା ସ୍ୱରୂପର ଚିନ୍ତନ ପୂର୍ବକ ନିଜ ଭିତରେ ପ୍ରେମ ଭାବକୁ ବିସ୍ତାର କରିଚାଲିବା ଉଚିତ । ବ୍ୟକ୍ତିର ପ୍ରଯତ୍ନ ହେବା ଉଚିତ ଯେ ହୃଦୟର ପ୍ରେମର ଭାବନା ତା'ର ବ୍ୟକ୍ତି ସତ୍ତାରୁ ପ୍ରସାରିତ ହୋଇ ପରିବାର, କୁଟୁମ୍ବ, କୁଳ, ସମାଜ, ଦେଶ, ଜାତି ଏପରିକି ସମ୍ପୂର୍ଣ୍ଣ ବିଶ୍ୱକୁ ସଞ୍ଚରି ଯାଉ । ଆମ ଭିତରେ ବସୁଧୈବକୁଟୁମ୍ବକମ୍‌ର ଭାବନା ବଳବତୀ ହେଉ ।

**ଅବଶିଷ୍ଟାଂଶ ପରସଂଖ୍ୟାରେ....**

ଉପସ୍ଥାପନା

**କୃଷ୍ଣାକୁମାରୀ**

❖❖❖

**୧୧ ପୃଷ୍ଠାର ଅବଶିଷ୍ଟାଂଶ**

**(ସୁବିତାୟ)** ସନ୍ମାର୍ଗରେ ଗତି ନିମନ୍ତେ ପ୍ରେରଣା ପାଇଁ ଏବଂ ତଦ୍ୱାରା ଉତ୍ତମ ଧନ-ଐଶ୍ୱର୍ଯ୍ୟ ଲାଭ ନିମନ୍ତେ **(ଇନ୍ଦ୍ରସୋମା)** ସୂର୍ଯ୍ୟ ଓ ଚନ୍ଦ୍ର **(ଶମ୍)** ସୁଖପ୍ରଦ ହୁଅନ୍ତୁ ।

**ଭାବାର୍ଥ** — ହେ ପ୍ରଭୋ ! ଆପଣଙ୍କ ଅସୀମ କୃପାରୁ ଆମର ଦିନ ସୁଖରେ ବିତୁ, ରାତି ବି ଶାନ୍ତିରେ କଟୁ; ଦିନ ଆମର ସୁଖ ସାମଗ୍ରୀର ପ୍ରାପ୍ତିର ପୁରୁଷାର୍ଥରେ ବିତୁ, ରାତ୍ରିରେ ଆମକୁ ଶାନ୍ତିର ସ୍ତବ୍ଧତା, ସୁନିଦ୍ରା ପ୍ରାପ୍ତ ହେଉ । ଆମର କର୍ମ ସୁଖ-ଶାନ୍ତିଦାୟକ ହେଉ ଏବଂ ଆମ ଭୋଗ ମଧ୍ୟ ମର୍ଯ୍ୟାଦାର ସୀମା ମଧ୍ୟରେ ରହି ଶାନ୍ତିଦାୟକ ହେଉ । ଦିବସର ସମ୍ବନ୍ଧ ସୂର୍ଯ୍ୟ ସହ । ତାହାଠୁ ଆମକୁ ପ୍ରକାଶ, ଅନ୍ନାଦିର ପ୍ରାପ୍ତି, ବଳ-ବୀର୍ଯ୍ୟର ବୃଦ୍ଧି ତଥା ସନ୍ମାର୍ଗରେ ଯିବାର ଦିଗ ପ୍ରାପ୍ତ ହୁଏ ଯଦ୍ୱାରା ଆମେ ଉତ୍ତମ କର୍ମ କରିପାରିବା । ସୂର୍ଯ୍ୟ ଅସ୍ତ ହୋଇଯିବାର ନାମ ରାତ୍ରି । ସେ ସମୟରେ ଅଗ୍ନି, ଚନ୍ଦ୍ର ଆଦି ଆମର ପଥପ୍ରଦର୍ଶକ । ସେମାନଙ୍କ ସହଯୋଗରେ ମାର୍ଗଦର୍ଶନ ଓ ସୁଖ ପ୍ରାପ୍ତି ହୁଏ । ଯେଉଁସବୁ ପଦାର୍ଥ ଐଶ୍ୱର୍ଯ୍ୟ ସମ୍ପାଦକ ସେ ସବୁଗୁଡ଼ିକୁ ଏଠାରେ ଇନ୍ଦ୍ର ଶବ୍ଦରେ କୁହାଯାଇଛି; ଯଥା-ବିଦ୍ୟୁତ୍, ସୂର୍ଯ୍ୟ ଆଦି । **(କ୍ରମଶଃ)...**

# ଶାନ୍ତିକରଣମ୍

ପୂର୍ବାନୁକ୍ରମିକ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ଓଁମ୍ ଶଂ ନୋ ଅଦିତିର୍ଭବତୁ ବ୍ରତେଭିଃ ଶଂ ନୋ ଭବନ୍ତୁ ମରୁତଃ ସ୍ୱର୍କାଃ । ଶଂ ନୋ ବିଷ୍ଣୁଃ ଶମୁ ପୂଷା ନୋ ଅସ୍ତୁ ଶଂ ନୋ ଭବିତ୍ରଂ ଶମ୍ୱସ୍ତୁ ବାୟୁଃ ॥ ୯ ॥**

**ପଦାର୍ଥ —** **(ଅଦିତିଃ)** ଏଇ ପୃଥିବୀ **(ବ୍ରତେଭିଃ)** ନିଜର କଲ୍ୟାଣକାରୀ ବ୍ରତ, କର୍ମ ଦ୍ୱାରା ଅର୍ଥାତ୍ ଅନ୍ନ ଆଦି ଭୋଗ୍ୟ ପଦାର୍ଥର ଉତ୍ପାଦନ ଦ୍ୱାରା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟିନୀ **(ଭବତୁ)** ହେଉ । **(ସ୍ୱର୍କାଃ)** ପ୍ରଶଂସନୀୟ, ସ୍ତବନୀୟ **(ମରୁତଃ)** ପ୍ରାଣବାୟୁ, ପ୍ରାଣ ସମ ପ୍ରିୟ ଉତ୍ତମ ବ୍ୟକ୍ତି **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି ଦାୟକ **(ଭବନ୍ତୁ)** ହୁଅନ୍ତୁ । **(ବିଷ୍ଣୁଃ ନଃ ଶମ୍)** ସର୍ବବ୍ୟାପକ ଜଗଦୀଶ୍ୱର ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ, ସୂର୍ଯ୍ୟ ଆମ ପାଇଁ ସୁଖଦାୟକ ହେଉ । **(ପୂଷା)** ପୋଷଣକାରୀ ମେଘ, ପୁଷ୍ଟିକାରକ ପଦାର୍ଥ, ପୁଷ୍ଟିକାରକ ବ୍ରହ୍ମଚର୍ଯ୍ୟାଦି ବ୍ୟବହାର **(ନଃ)** ଆମ ପାଇଁ **(ଉ)** ନିଶ୍ଚିତ ରୂପେ **(ଶମ୍)** ସୁଖକାରକ **(ଅସ୍ତୁ)** ହେଉ । **(ଭବିତ୍ରମ୍)** ଭବିଷ୍ୟତରେ ହେବାକୁ ଥିବା କାର୍ଯ୍ୟ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ ହେଉ । **(ବାୟୁଃ)** ବାୟୁ **(ଉ)** ନିଶ୍ଚିତ ରୂପେ **(ଶମ୍)** ଆମ ପାଇଁ ସୁଖ-ଶାନ୍ତିକାରକ **(ଅସ୍ତୁ)** ହେଉ ।

**ଭାବାର୍ଥ —** ହେ ବିଭୋ ! ଆପଣଙ୍କ କରୁଣାରୁ ଧରିତ୍ରୀ-ମାତା ଅନ୍ନ ଆଦି ଭୋଗ୍ୟ ପଦାର୍ଥ ଉତ୍ପନ୍ନ କରିବା ରୂପକ ନିଜ ବ୍ରତ, କର୍ମ ପାଳନ କରି ଆମ ପାଇଁ କଲ୍ୟାଣକାରିଣୀ ହୁଅନ୍ତୁ । ପ୍ରଶଂସନୀୟ, ସ୍ତବନୀୟ ପ୍ରାଣବାୟୁ ତଥା ପ୍ରାଣ ସମ ପ୍ରିୟ ଉତ୍ତମ ବ୍ୟକ୍ତି ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ । ହେ ସର୍ବବ୍ୟାପକ ଜଗଦୀଶ୍ୱର ! ଆପଣ ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ; ଆପଣଙ୍କ ବ୍ୟାପକ ନିୟମର ଅନୁକୂଳ ଆଚରଣ ଦ୍ୱାରା ଆମେ ସୁଖ-ଶାନ୍ତି ପ୍ରାପ୍ତ କରୁ । ସୂର୍ଯ୍ୟ ଆମ ପାଇଁ ସୁଖଦାୟକ ହେଉ । ପୋଷଣକାରୀ ମେଘ, ପୁଷ୍ଟିକାରକ ପଦାର୍ଥ, ପୁଷ୍ଟିକାରକ ବ୍ରହ୍ମଚର୍ଯ୍ୟାଦି ବ୍ୟବହାର ଆମ ପାଇଁ ଯେପରି ନିଶ୍ଚିତ ରୂପେ ସୁଖକାରକ ହେବ ଆମେ ସେଭଳି କାର୍ଯ୍ୟ କରୁ । କେବଳ ଆମ ବର୍ତ୍ତମାନ ନୁହେଁ, ଆମର ଭବିଷ୍ୟତ ମଧ୍ୟ ନିଶ୍ଚିତ ରୂପେ ସୁଖମୟ ହେଉ ଅର୍ଥାତ୍ ଆମେ ସର୍ବଦା ଉତ୍ତମ ରୂପେ ବିବେଚନା ପୂର୍ବକ ଯଥାର୍ଥ କର୍ମ ହିଁ କରୁ ଯଦ୍ଦ୍ୱାରା ଆମକୁ ପରବର୍ତ୍ତୀ ସମୟରେ ପଶ୍ଚାତ୍ତାପ କରିବାକୁ ନ ପଡୁ କି ଦୁଃଖୀ ହେବାକୁ ନ ପଡୁ ।

**ଓଁମ୍ ଶଂ ନୋ ଦେବଃ ସବିତା ତ୍ରାୟମାଣଃ ଶଂ ନୋ ଭବନ୍ତୂଷସୋ ବିଭାତୀଃ । ଶଂ ନଃ ପର୍ଜନ୍ୟୋ ଭବତୁ ପ୍ରଜାଭ୍ୟଃ ଶଂ ନଃ କ୍ଷେତ୍ରସ୍ୟ ପତିରସ୍ତୁ ଶମ୍ଭୁଃ ॥ ୧୦ ॥**

**ପଦାର୍ଥ —** **(ତ୍ରାୟମାଣଃ)** ଅନ୍ଧକାର, ରୋଗ, କୃମି ଆଦିରୁ ରକ୍ଷାକର୍ତ୍ତା **(ଦେବଃ)** ଦିବ୍ୟ ଗୁଣ-ଶକ୍ତି ସମ୍ପନ୍ନ **(ସବିତା)** ଉଦୀୟମାନ ସୂର୍ଯ୍ୟ **(ନଃ)** ଆମ ପାଇଁ **(ଶମ୍)** ସୁଖଦାୟକ ହେଉ । **(ବିଭାତୀଃ)** ବିଶେଷ ଦୀପ୍ତିମୟୀ **(ଉଷସଃ)** ପ୍ରଭାତ ବେଳା, ବିବିଧ ଦୀପ୍ତିରେ ଉଦ୍‌ଭାସିତା ଉଷା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟିନୀ **(ଭବନ୍ତୁ)** ହେଉ । **(ପର୍ଜନ୍ୟଃ)** ବର୍ଷଣକାରୀ ମେଘ **(ନଃ ପ୍ରଜାଭ୍ୟଃ)** ଆମ ପାଇଁ, ପ୍ରଜାମାନଙ୍କ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ **(ଭବତୁ)** ହେଉ । **(କ୍ଷେତ୍ରସ୍ୟ ପତିଃ)** ଏହି ସଂସାରର ସ୍ୱାମୀ ପରମେଶ୍ୱର, ରାଜ୍ୟର ସ୍ୱାମୀ ରାଜା,

କୃଷିକ୍ଷେତ୍ରର ସ୍ୱାମୀ କୃଷକ, **(ଶମ୍ଭୁଃ)** ସୁଖଦାତା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିପ୍ରଦାୟକ **(ଅସ୍ତୁ)** ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ଦିବ୍ୟ ଗୁଣ-ଶକ୍ତିସମ୍ପନ୍ନ ଉଦୀୟମାନ ସୂର୍ଯ୍ୟ ଅନ୍ଧକାର, ରୋଗ, କୃମି ଆଦିରୁ ରକ୍ଷା କରି ଆମ ପାଇଁ ସୁଖଦାୟକ ହେଉ । ବିବିଧ ଦୀପ୍ତିରେ ଦୀପ୍ତିମୟୀ ଉଷା, ପ୍ରଭାତକାଳ ଈଶ୍ୱର-ଉପାସନା, ଅଗ୍ନିହୋତ୍ର ଆଦି ଶ୍ରେଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ଆମ ହୃଦୟରେ ପ୍ରେରଣାର ଶଙ୍ଖ ନିନାଦ କରୁ । ବର୍ଷଣକାରୀ ମେଘ ଆମ ପାଇଁ, ସୃଷ୍ଟିର ସମସ୍ତ ଜୀବଜଗତ ନିମିତ୍ତ ସୁଖ-ଶାନ୍ତିକାରକ ହେଉ ଅର୍ଥାତ୍ ବୃଷ୍ଟି ଏଭଳି ହେଉ ଯେ ଜଳାଭାବରେ ସଂସାରର ହାନି ନ ହେଉ କି ଅତିବୃଷ୍ଟି କାରଣରୁ ବନ୍ୟାଦି ଦ୍ୱାରା ଧନ-ଜୀବନ ହାନି ନ ହେଉ । ସଂସାରର ସ୍ୱାମୀ ପରମେଶ୍ୱର, ରାଜ୍ୟର ସ୍ୱାମୀ ରାଜା, କୃଷିକ୍ଷେତ୍ରର ସ୍ୱାମୀ କୃଷକ ଆମମାନଙ୍କ ପୋଷଣ ନିମନ୍ତେ ଧରଣୀର ବକ୍ଷରେ ଅଧିକ ଶସ୍ୟ ଉତ୍ପାଦନର ସଦା ନବୀନ ସୁଯୋଗ ସୃଷ୍ଟି କରିଚାଲନ୍ତୁ ।

**ଓ୩ମ୍ ଶଂ ନୋ ଦେବା ବିଶ୍ୱଦେବା ଭବନ୍ତୁ ଶଂ ସରସ୍ୱତୀ ସହ ଧୀଭିରସ୍ତୁ । ଶମଭିଷାଚଃ ଶମୁ ରାତିଷାଚଃ ଶଂ ନୋ ଦିବ୍ୟାଃ ପାର୍ଥିବାଃ ଶଂ ନୋ ଅପ୍ୟାଃ ॥ ୧୧ ॥**

**ପଦାର୍ଥ —** ହେ ପରମେଶ୍ୱର ! ଆପଣଙ୍କ କରୁଣାରୁ **(ଦେବାଃ)** ଦିବ୍ୟ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ **(ବିଶ୍ୱଦେବାଃ)** ସକଳ ବିଦ୍ୱାନ୍ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ **(ଭବନ୍ତୁ)** ହୁଅନ୍ତୁ । **(ସରସ୍ୱତୀ)** ଜ୍ଞାନ-ବିଜ୍ଞାନ ସମନ୍ୱିତା ବେଦବାଣୀ, ବିଦ୍ୟା-ସୁଶିକ୍ଷାଯୁକ୍ତା ବାଣୀ **(ଧୀଭିଃ)** ଉତ୍ତମ ବୁଦ୍ଧି, କର୍ମ **(ସହ)** ସହ **(ଶମ୍)** ଆମ ପାଇଁ ସୁଖ-ଶାନ୍ତିକାରିଣୀ **(ଅସ୍ତୁ)** ହେଉ । **(ଅଭିଷାଚଃ)** ଅଭ୍ୟନ୍ତର ଆତ୍ମା ସହ ସମ୍ବନ୍ଧ ସ୍ଥାପନାକାରୀ ଆତ୍ମଦର୍ଶୀ, ଯୋଗୀଜନ, ସବୁ ଦିଗ ପ୍ରତି ସମ୍ବନ୍ଧ ରକ୍ଷାକାରୀ ଯଜ୍ଞକର୍ତ୍ତା, ସାଧାରଣ ବ୍ୟକ୍ତି **(ଶମ୍)** ଆମ ପାଇଁ ସୁଖଦାୟକ ହୁଅନ୍ତୁ । **(ରାତିଷାଚଃ)** ବିଦ୍ୟା, ଧନ, ପଦାର୍ଥ ଆଦିର ଦାତାଗଣ **(ଉ)** ନିଶ୍ଚିତ ରୂପେ **(ଶମ୍)** ସୁଖ-ଶାନ୍ତିକାରକ ହୁଅନ୍ତୁ । **(ଦିବ୍ୟାଃ)** ଦ୍ୟୁଲୋକସ୍ଥ ସକଳ ପଦାର୍ଥ, ଶକ୍ତି, **(ପାର୍ଥିବାଃ)** ପୃଥିବୀ ଲୋକସ୍ଥ ସକଳ ପଦାର୍ଥ, ଶକ୍ତି **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ ହୁଅନ୍ତୁ । **(ଅପ୍ୟାଃ)** ଅନ୍ତରିକ୍ଷସ୍ଥ ସକଳ ପଦାର୍ଥ, ଶକ୍ତି **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି କାରକ ହୁଅନ୍ତୁ ।

**ଭାବାର୍ଥ —** ହେ ପରମେଶ୍ୱର ! ଆପଣଙ୍କ କୃପାରୁ ଦିବ୍ୟ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ସକଳ ବିଦ୍ୱାନ୍ ଆମର ଅଜ୍ଞାନ-ଅନ୍ଧକାର ଦୂର କରି ଜ୍ଞାନାଲୋକ ପ୍ରଦାନ ପୂର୍ବକ ଆମ ପାଇଁ ସୁଖ-ଶାନ୍ତି ଦାୟକ ହୁଅନ୍ତୁ । ଜ୍ଞାନ-ବିଜ୍ଞାନ ସମନ୍ୱିତା ବେଦବାଣୀ, ବିଦ୍ୟା-ସୁଶିକ୍ଷାଯୁକ୍ତା ବାଣୀ ଉତ୍ତମ ବୁଦ୍ଧି, କର୍ମ ସହ ଆମ ପାଇଁ ସୁଖ-ଶାନ୍ତିକାରିଣୀ ହେଉ । ବେଦଜ୍ଞାନ ଆଧାରରେ ଆମେ ବୁଦ୍ଧିକୁ, ବାଣୀକୁ ପବିତ୍ର କରୁ ଓ କର୍ମ ସମ୍ପାଦନ କରୁ । ଆମ ବଚନ ଓ କର୍ମରେ ସାମଞ୍ଜସ୍ୟ ପ୍ରତିଷ୍ଠିତ ହେଉ । କାରଣ ଜ୍ଞାନସଂଯୁକ୍ତ କର୍ମ ଓ କର୍ମ-ସଂଯୁକ୍ତ ଜ୍ଞାନ ଦ୍ୱାରା ହିଁ ମନୁଷ୍ୟ ଲକ୍ଷ୍ୟ ପ୍ରାପ୍ତ କରିପାରିଥାଏ । ଅଭ୍ୟନ୍ତର ଆତ୍ମା (ପରମାତ୍ମା) ସହ ସଂପର୍କ ସ୍ଥାପନାକାରୀ ଆତ୍ମଦର୍ଶୀ, ଯୋଗୀଜନ ତଥା ସବୁ ଦିଗ ପ୍ରତି ସମ୍ବନ୍ଧ ରକ୍ଷାକାରୀ, ସବୁଦିଗର କଲ୍ୟାଣ ସାଧନକାରୀ ଯଜ୍ଞକର୍ତ୍ତା, ସର୍ବସାଧାରଣ ବ୍ୟକ୍ତିଙ୍କ ସଂଗ ଦ୍ୱାରା ଆବଶ୍ୟକ ଶିକ୍ଷା ପ୍ରାପ୍ତ କରି ଆମେ ନିଜର ଓ ସଂସାରର ଯଥାଯୋଗ୍ୟ କଲ୍ୟାଣ ସାଧନ କରୁ । ବିବିଧ ପ୍ରକାର ଅଭାବରେ ପୀଡ଼ିତ ମାନବ-ସମାଜକୁ ନିଜ ବିଦ୍ୟା, ଅନ୍ନ, ଧନ-ସମ୍ପତ୍ତି ଆଦି ଦାନ ଦେଇ ସୁଖୀ କରିବା ବ୍ୟକ୍ତି ଆମ ସମାଜରେ ଅଧିକ ସଂଖ୍ୟାରେ ହୁଅନ୍ତୁ । ବିଦ୍ୟା, ଧନ, ପଦାର୍ଥ ଆଦିର ଦାତାଙ୍କ ସତ୍‌ସଙ୍ଗ ଦ୍ୱାରା ଆମର ସୁଖ-ଶାନ୍ତି ସଂପାଦନ ହେଉ । ଦ୍ୟୁଲୋକସ୍ଥ, ପୃଥିବୀ ଲୋକସ୍ଥ, ଅନ୍ତରିକ୍ଷ ଲୋକସ୍ଥ ସକଳ ପଦାର୍ଥ ଓ ଶକ୍ତି ଆମ ପାଇଁ ସୁଖ-ଶାନ୍ତି ସମ୍ପାଦକ ହୁଅନ୍ତୁ ।

**ଓ୩ମ୍ ଶଂ ନଃ ସତ୍ୟସ୍ୟ ପତୟୋ ଭବନ୍ତୁ ଶଂ ନୋ ଅର୍ବନ୍ତଃ ଶମୁ ସନ୍ତୁ ଗାବଃ । ଶଂ ନ ଋଭବଃ ସୁକୃତଃ ସୁହସ୍ତାଃ ଶଂ ନୋ ଭବନ୍ତୁ ପିତରୋ**

**ହବେଷ୍ଟୁ ॥ ୧୨ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ସତ୍ୟସ୍ୟ)** ସତ୍ୟର **(ପତୟଃ)** ପାଳକ ଓ ରକ୍ଷକ ଅର୍ଥାତ୍ ସତ୍ୟାଚରଣକାରୀ ବ୍ୟକ୍ତିଗଣ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ **(ଭବନ୍ତୁ)** ହୁଅନ୍ତୁ । **(ଅର୍ବନ୍ତଃ)** ଶୀଘ୍ରଗାମୀ ଅଶ୍ୱ ଆଦି ବାହନ **(ନଃ)** ଆମ ପାଇଁ **(ଶମ୍)** ସୁଖକାରକ ହୁଅନ୍ତୁ । **(ଗାବଃ)** ଦୁଗ୍ଧ ଆଦି ଭୋଗ୍ୟ ପଦାର୍ଥ ପ୍ରଦାୟକ ଗୋ ଆଦି ପଶୁଗଣ **(ଉ)** ନିଶ୍ଚିତ ରୂପେ **(ଶମ୍)** ଆମ ପାଇଁ ସୁଖ-ଶାନ୍ତିଦାୟକ **(ସନ୍ତୁ)** ହୁଅନ୍ତୁ । **(ସୁକୃତଃ)** ଉତ୍ତମ ପଦାର୍ଥର ନିର୍ମାତା, କଲ୍ୟାଣକାରୀ ଉତ୍ତମ ଆଚରଣବାନ୍, ଧର୍ମାତ୍ମା, **(ସୁହସ୍ତାଃ)** ହସ୍ତକ୍ରିୟାରେ ନିପୁଣ, ଦକ୍ଷ, କୁଶଳୀ ବ୍ୟକ୍ତି, ଭଲ କାମରେ ହାତ ଦେଉଥିବା ବ୍ୟକ୍ତି, **(ଋଭବଃ)** ଶିଳ୍ପୀ, କାରିଗର, ମେଧାବୀ ବ୍ୟକ୍ତି **(ନଃ)** ଆମ ପାଇଁ **(ଶମ)** ସୁଖକାରୀ ହୁଅନ୍ତୁ । **(ହବେଷ୍ଟୁ)** ସହାୟତା ନିମନ୍ତେ ଆମ ଦ୍ୱାରା ଆହ୍ୱାନ କରାଗଲେ **(ପିତରଃ)** ମାତା-ପିତା ଆଦି ବୟୋବୃଦ୍ଧ-ଜ୍ଞାନବୃଦ୍ଧ ରକ୍ଷକ ପିତୃଗଣ **(ନଃ)** ଆମ ପାଇଁ **(ଶମ୍)** କଲ୍ୟାଣକାରୀ **(ଭବନ୍ତୁ)** ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ସତ୍ୟର ପାଳକ ଓ ରକ୍ଷକ ଅର୍ଥାତ୍ ସତ୍ୟାଚରଣକାରୀ ବ୍ୟକ୍ତିଗଣ ଶୀଘ୍ରଗାମୀ ଅଶ୍ୱାଦି ବାହନ, ଦୁଗ୍ଧ ଆଦି ଭୋଗ୍ୟ ପଦାର୍ଥ ପ୍ରଦାୟକ ଗୋ ଆଦି ପଶୁଗଣ, ଉତ୍ତମ ପଦାର୍ଥର ନିର୍ମାତା, ହସ୍ତକ୍ରିୟାରେ ନିପୁଣ, କୁଶଳୀ ଶିଳ୍ପୀ, କାରିଗର; କଲ୍ୟାଣକାରୀ, ଉତ୍ତମ ଆଚରଣବାନ୍, ଧର୍ମାତ୍ମା, ମେଧାବୀ ବ୍ୟକ୍ତିଗଣ ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ । ସହାୟତା ନିମନ୍ତେ ଆମ ଦ୍ୱାରା ଆହ୍ୱାନ କରାଗଲେ, ସେମାନଙ୍କ ଆଗରେ ସମସ୍ୟା ଉପସ୍ଥାପନ କରାଗଲେ ମାତା-ପିତା ଆଦି ଅନୁଭବୀ ବୟୋବୃଦ୍ଧ-ଜ୍ଞାନବୃଦ୍ଧ ରକ୍ଷକ ପିତୃଗଣ ଆମକୁ ଉତ୍ତମ ପରାମର୍ଶ ଦେଇ ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ ।

**ଓ୩ମ୍ ଶଂ ନୋ ଅଜ ଏକପାଦ୍ ଦେବୋ ଅସ୍ତୁ ଶଂ ନୋଽହିର୍ବୁଧ୍ନ୍ୟଃ ଶଂ ସମୁଦ୍ରଃ । ଶଂ ନୋ ଅପାଂ ନପାତ୍ ପେରୁରସ୍ତୁ ଶଂ ନଃ ପୃଶ୍ନିର୍ଭବତୁ ଦେବଗୋପା ॥ ୧୩ ॥**

(ଋକ୍. ୭:୩୫:୧-୧୩)

**ପଦାର୍ଥ — (ଅଜଃ)** ଅଜନ୍ମା, **(ଏକପାତ୍)** ନିଜର ଏକ ଅଂଶରେ ସମଗ୍ର ଜଗତକୁ ଧାରଣକର୍ତ୍ତା, ଏକରସ **(ଦେବଃ)** ଦିବ୍ୟ ଗୁଣ ସମ୍ପନ୍ନ, ସର୍ବସୁଖଦାତା ପରମେଶ୍ୱର **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ **(ଅସ୍ତୁ)** ହୁଅନ୍ତୁ । **(ବୁଧ୍ନ୍ୟଃ)** ଆକାଶସ୍ଥ **(ଅହିଃ)** ମେଘ **(ନଃ)** ଆମ ପାଇଁ **(ଶମ୍)** ସୁଖଦାୟକ ହେଉ । **(ସମୁଦ୍ରଃ)** ସମୁଦ୍ର **(ଶମ୍)** ଆମ ପାଇଁ କଲ୍ୟାଣକାରୀ ହେଉ । **(ଅପାମ୍)** ଜଳର **(ପେରୁଃ)** ପାରକାରୀ **(ନପାତ୍)** ପାଦରହିତ ନୌକା **(ନଃ)** ଆମ ପାଇଁ **(ଶମ୍)** ସୁଖକାରକ **(ଅସ୍ତୁ)** ହେଉ । **(ଦେବଗୋପାଃ)** ଦିବ୍ୟଶକ୍ତିସମୂହ ଦ୍ୱାରା ସୁରକ୍ଷିତ **(ପୃଶ୍ନିଃ)** ବିବିଧ ରୂପଧାରିଣୀ ପୃଥିବୀ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ **(ଭବତୁ)** ହେଉ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣ ଅଜନ୍ମା, ନିଜର ଏକ ଅଂଶରେ ସମଗ୍ର ଜଗତକୁ ଧାରଣ କର୍ତ୍ତା, ଏକରସ, ଦିବ୍ୟଗୁଣ ସମ୍ପନ୍ନ, ସର୍ବସୁଖଦାତା ଅଟନ୍ତି । ଆପଣ ଆମକୁ ସୁଖ-ଶାନ୍ତି ପ୍ରଦାନ କରନ୍ତୁ । ଆପଣଙ୍କ କୃପାରୁ ଆକାଶସ୍ଥ ମେଘ, ସମୁଦ୍ର, ଜଳରେ ପାର କରାଉଥିବା ନୌକାଦି ଜଳଯାନ ଆମ ପାଇଁ ସୁଖକାରକ ହେଉ । ଦିବ୍ୟଶକ୍ତିସମୂହଙ୍କ ଦ୍ୱାରା ସୁରକ୍ଷିତ ପୃଥିବୀ ଆମ ପାଇଁ ସୁଖ-ଶାନ୍ତିଦାୟକ ହେଉ ।

**ଓ୩ମ୍ ଇନ୍ଦ୍ରୋ ବିଶ୍ୱସ୍ୟ ରାଜତି । ଶନ୍ନୋଽସ୍ତୁ ଦ୍ୱିପଦେ ଶଂ ଚତୁଷ୍ପଦେ ॥ ୧୪ ॥**

**ପଦାର୍ଥ — (ଇନ୍ଦ୍ରଃ ବିଶ୍ୱସ୍ୟ ରାଜତି)** ହେ ପରମୈଶ୍ୱର୍ଯ୍ୟବାନ୍ ପରମେଶ୍ୱର ! ଆପଣ ଏ ସଂସାରର ପ୍ରକାଶକ ଅଟନ୍ତି । ଆପଣଙ୍କ ଦ୍ୱାରା ସୃଷ୍ଟ ସୂର୍ଯ୍ୟ ମଧ୍ୟ ଏ ଜଗତର ପ୍ରକାଶକ । ଆପଣଙ୍କ କୃପାରେ **(ନଃ)** ଆମର

**(ଦ୍ୱିପଦେ)** ଦ୍ୱିପଦବିଶିଷ୍ଟ ମନୁଷ୍ୟ, ପକ୍ଷୀ ଆଦି ପ୍ରାଣୀଙ୍କ ପାଇଁ **(ଶମ୍)** ସୁଖ-ଶାନ୍ତି ପ୍ରାପ୍ତ ହେଉ; **(ଚତୁଷ୍ପଦେ)** ଗବାଦି ଚତୁଷ୍ପଦ ପଶୁଙ୍କ ନିମିତ୍ତ **(ଶମ୍)** ସୁଖ-ଶାନ୍ତି ପ୍ରାପ୍ତ ହେଉ ।

**ଭାବାର୍ଥ —** ହେ ପରମୈଶ୍ୱର୍ଯ୍ୟବାନ୍ ପରମେଶ୍ୱର ! ସଚରାଚରରେ ଆପଣଙ୍କର ରାଜତ୍ୱ । ଆପଣ ହିଁ ଏ ସଂସାରର ପ୍ରକାଶକ । ଆପଣଙ୍କ ଦ୍ୱାରା ସୃଷ୍ଟ ସୂର୍ଯ୍ୟ ମଧ୍ୟ ଏ ଜଗତର ପ୍ରକାଶକ । ଆପଣଙ୍କ କୃପାରେ ଏ ସୂର୍ଯ୍ୟ ଆମର ଦ୍ୱିପଦବିଶିଷ୍ଟ ମନୁଷ୍ୟ, ପକ୍ଷୀ ଆଦି ପ୍ରାଣୀ ତଥା ଚତୁଷ୍ପଦବିଶିଷ୍ଟ ଗବାଦି ପଶୁଙ୍କ ନିମିତ୍ତ ସୁଖ-ଶାନ୍ତିକାରକ ହେଉ । ଆପଣଙ୍କ ଆଶିଷରୁ ସମସ୍ତଙ୍କୁ ସୁଖ-ଶାନ୍ତି-କଲ୍ୟାଣ ପ୍ରାପ୍ତ ହେଉ ।

**ଓ୩ମ୍ ଶନ୍ନୋ ବାତଃ ପବତାଂ ଶନ୍ନସ୍ତପତୁ ସୂର୍ଯ୍ୟଃ । ଶନ୍ନଃ କନିକ୍ରଦଦ୍ଦେବଃ ପର୍ଜନ୍ୟୋଽଅଭି ବର୍ଷତୁ ॥ ୧୫ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ବାତଃ)** ବାୟୁ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି ଦାୟକ ରୂପେ **(ପବତାମ୍)** ପ୍ରବାହିତ ହେଉ । **(ସୂର୍ଯ୍ୟଃ)** ସୂର୍ଯ୍ୟ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରୀ **(ତପତୁ)** ଉତ୍ତାପ ପ୍ରଦାନ କରୁ । **(କନିକ୍ରଦତ୍)** ଘୋର ଗର୍ଜନ ପୂର୍ବକ **(ଦେବଃ)** ଦିବ୍ୟ ଗୁଣ-ଶକ୍ତି ସମ୍ପନ୍ନ **(ପର୍ଜନ୍ୟଃ)** ମେଘ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି ଦାୟିନୀ ବାରିଧାରା **(ଅଭିବର୍ଷତୁ)** ସବୁ ଦିଗରୁ ବୃଷ୍ଟି କରୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ବାୟୁ ଆମ ପାଇଁ ସୁଖ-ଶାନ୍ତିଦାୟକ ରୂପେ ପ୍ରବାହିତ ହେଉ ଅର୍ଥାତ୍ ସଦା ଶୀତଳ, ମୃଦୁ-ମନ୍ଦ ସମୀରଣ ପ୍ରବାହିତ ହେଉ, ଝଞ୍ଜାବାତ-କାଳବୈଶାଖୀ-ତୋଫାନ୍ ଆଦି ରୂପେ ନୁହେଁ । ସୂର୍ଯ୍ୟ ସୁଖ-ଶାନ୍ତିଦାୟକ ରୂପେ ତାପ ଦେଉ ଅର୍ଥାତ୍ ସୂର୍ଯ୍ୟର ତାପ ଆମ ପାଇଁ ଅନୁକୂଳ ହେଉ । ସୂର୍ଯ୍ୟତାପ ଦ୍ୱାରା ରୋଗ ନିବାରଣ କରି ଆମେ ଶାନ୍ତି ଲାଭ କରୁ । ସୂର୍ଯ୍ୟର ହାନିକାରକ ପ୍ରକୋପ ନ ପଡୁ ଆମ ଉପରେ । ଗର୍ଜନ ପୂର୍ବକ ଆକାଶରେ ଭାସମାନ ଜଳସମ୍ପନ୍ନ ମେଘ ସ୍ୱ ବୃଷ୍ଟି ଦ୍ୱାରା ଧରଣୀକୁ ଶସ୍ୟଶ୍ୟାମଳା କରୁ । କେବଳ ଗର୍ଜନ କରି ଉଡ଼ି ନ ଯାଉ । ମେଘ ସବୁ ଦିଗରୁ ବୃଷ୍ଟି କରୁ । ଯଦ୍ଦ୍ୱାରା କେଉଁଠି ବି ଜଳାଭାବରେ ଫସଲ ନଷ୍ଟ ନ ହେଉ କି କେହି ପ୍ରାଣୀ ଜଳର ଅଭାବ ଜନିତ ଦୁଃଖ ନ ପାଆନ୍ତୁ । ବର୍ଷା ଆମ ପାଇଁ ସୁଖ-ଶାନ୍ତି ଦାୟକ ହେଉ । ଅର୍ଥାତ୍ ଉଚିତ ସମୟରେ ଉଚିତ ବର୍ଷା ହେଉ । ଆବଶ୍ୟକ ସମୟରେ ବର୍ଷା ନ ହେଇ ଫସଲ ନଷ୍ଟ ନ ହେଉ, ମରୁଡ଼ି ନ ହେଉ କି ଅନାବଶ୍ୟକ ଅତ୍ୟଧିକ ବୃଷ୍ଟି ହୋଇ ଉତ୍ପନ୍ନ ଫସଲ ନଷ୍ଟ ନ ହେଉ କି ବଢ଼ିରେ ଧୋଇ ନ ଯାଉ ।

**ଓ୩ମ୍ ଅହାନି ଶଂ ଭବନ୍ତୁ ନଃ ଶଂ ରାତ୍ରୀଃ ପ୍ରତି ଧୀୟତାମ୍ । ଶନ୍ନଂ ଇନ୍ଦ୍ରାଗ୍ନୀ ଭବତାମବୋଭିଃ ଶନ୍ନଂ ଇନ୍ଦ୍ରାବରୁଣା ରାତହବ୍ୟା । ଶନ୍ନଂ ଇନ୍ଦ୍ରାପୂଷଣା ବାଜସାତୌ ଶମିନ୍ଦ୍ରାସୋମା ସୁବିତାୟ ଶଂୟୋଃ ॥ ୧୬ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ନଃ)** ଆମ ପାଇଁ **(ଅହାନି)** ଦିବସ ସକଳ **(ଶମ୍)** ସୁଖ-ଶାନ୍ତିକାରୀ **(ଭବନ୍ତୁ)** ହୁଅନ୍ତୁ, **(ରାତ୍ରୀଃ)** ରାତ୍ରିଗୁଡ଼ିକ **(ଶମ୍)** ସୁଖ-ଶାନ୍ତି-କଲ୍ୟାଣକୁ **(ପ୍ରତି ଧୀୟତାମ୍)** ଧାରଣ କରନ୍ତୁ । **(ଇନ୍ଦ୍ରାଗ୍ନୀ)** ବିଦ୍ୟୁତ୍ ଓ ଅଗ୍ନି, ସୂର୍ଯ୍ୟ ଓ ଅଗ୍ନି **(ଅବୋଭିଃ)** ନିଜ ରକ୍ଷାତ୍ମକ ଉପାୟ-ସାଧନଗୁଡ଼ିକ ଦ୍ୱାରା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିପ୍ରଦ **(ଭବତାମ୍)** ହୁଅନ୍ତୁ । **(ରାତହବ୍ୟା)** ହବ୍ୟ ଅର୍ଥାତ୍ ଗ୍ରାହ୍ୟ ସୁଖକର ଆବଶ୍ୟକ ପଦାର୍ଥର ପ୍ରଦାତା, ଜୀବନଦାୟକ **(ଇନ୍ଦ୍ରାବରୁଣା)** ସୂର୍ଯ୍ୟ ଓ ଜଳ, ପ୍ରାଣ ଓ ଅପାନ **(ନଃ)** ଆମ ପାଇଁ **(ଶମ୍)** କଲ୍ୟାଣକାରୀ ହୁଅନ୍ତୁ । **(ବାଜସାତୌ)** ବଳ-ବୀର୍ଯ୍ୟ ବୃଦ୍ଧିକାରକ ଅନ୍ନାଦି ଭୋଗ୍ୟ ପଦାର୍ଥର ପ୍ରାପ୍ତିରେ **(ଇନ୍ଦ୍ରାପୂଷଣା)** ବିଦ୍ୟୁତ୍ ଓ ମେଘ **(ନଃ)** ଆମ ପାଇଁ **(ଶମ୍)** ସୁଖକାରକ ହୁଅନ୍ତୁ । **(ଶଂୟୋଃ)** ସୁଖ-ଶାନ୍ତି-କଲ୍ୟାଣ କାମନା କରୁଥିବା ଲୋକଙ୍କ ପାଇଁ

ଅବଶିଷ୍ଟାଂଶ ପୃଷ୍ଠା-୨ରେ...

# ସନ୍ଧ୍ୟା କାହିଁକି କରିବା ?

ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ

## ସନ୍ଧ୍ୟା ବିରୁଦ୍ଧରେ ଆକ୍ଷେପ

ସନ୍ଧ୍ୟା କରିବାର ଆବଶ୍ୟକତା ସମ୍ପର୍କରେ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଥାଏ । ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ହିଁ ସ୍ୱୀକାର କରନ୍ତି ନାହିଁ, ସେମାନଙ୍କ ପାଇଁ ସନ୍ଧ୍ୟାର ଗୁରୁତ୍ୱ କିଛି ନାହିଁ; କିନ୍ତୁ ଯେଉଁମାନେ ଈଶ୍ୱରଙ୍କୁ ସର୍ବନିୟନ୍ତା ବୋଲି ସ୍ୱୀକାର କରନ୍ତି, ସେମାନେ ବି ବିଚାରନ୍ତି ଯେ— 'ଈଶ୍ୱର ଆମକୁ ଆମର କର୍ମ ଅନୁସାରେ ଫଳ ଦିଅନ୍ତି । ଏଣୁ ତାଙ୍କର ଗୁଣ ଗାନ କରିବା ଚାଟୁକାରିତା ବ୍ୟତୀତ ଆଉ କ'ଣ ହୋଇପାରେ ?' କିଛି ଲୋକ ଏହା ବି କହନ୍ତି ଯେ, 'ଯେଉଁମାନେ ସନ୍ଧ୍ୟା କରନ୍ତି ସେମାନେ ସନ୍ଧ୍ୟା କରୁନଥିବା ଲୋକଙ୍କଠାରୁ ଅଧିକ ଶୁଦ୍ଧ ଆଚରଣଶୀଳ ହେବା ଜରୁରୀ । କିନ୍ତୁ ସର୍ବତ୍ର ତ ଏହା ଦେଖାଯାଏ ନାହିଁ । ଅନେକ ସନ୍ଧ୍ୟା କରୁଥିବା ବ୍ୟକ୍ତି ଠକ, ଦମ୍ଭୀ, ମିଥ୍ୟାଭିମାନୀ ଓ ଚରିତ୍ରହୀନ ହୋଇଥିବା ବି ଦେଖାଯାଏ ଏବଂ ଅନେକ ସନ୍ଧ୍ୟା କରୁନଥିବା ସଦାଚାରୀ, ସତ୍ୟବାଦୀ ଓ ଉତ୍ତମ ବ୍ୟକ୍ତି ବି ଦେଖାଯାଆନ୍ତି ।' କେତେକ ଏପରି ବି ଥାଆନ୍ତି ଯେଉଁମାନେ ଏଭଳି ଆକାଂକ୍ଷା ନେଇ ସନ୍ଧ୍ୟା କରନ୍ତି ଯେ ଈଶ୍ୱର ସେମାନଙ୍କର କୁକର୍ମ ପାଇଁ ସେମାନଙ୍କୁ କଠୋର ଦଣ୍ଡ ନ ଦିଅନ୍ତୁ । ସାଧାରଣତଃ ଏ କଥା ପ୍ରସିଦ୍ଧ ଯେ ପରମାତ୍ମା ନିଜର ଭକ୍ତମାନଙ୍କୁ ସହାୟତା କରିଥାନ୍ତି ଏବଂ ସେମାନଙ୍କ କୁକର୍ମକୁ ଉପେକ୍ଷା ଦୃଷ୍ଟିରେ ଦେଖିଥାନ୍ତି । ଭକ୍ତ କଂସେଇ, ଭକ୍ତ ବେଶ୍ୟା ଓ ଭକ୍ତ ଠକମାନଙ୍କର କାହାଣୀ ସଂସାରର ସମସ୍ତ ମତ, ସମ୍ପ୍ରଦାୟ ଏବଂ ଦେଶରେ ଦେଖିବାକୁ ମିଳିଥାଏ । ଅନେକ ବ୍ୟକ୍ତି ଈଶ୍ୱରଙ୍କ ନାମ ଏଥିପାଇଁ ଜପ କରିଥାନ୍ତି ଯେ ସେମାନଙ୍କୁ ପୂର୍ବକୃତ ପାପ କର୍ମର ଦଣ୍ଡ ପ୍ରାପ୍ତ ନ ହେଉ । ଏ ସବୁ ଦେଖି ବିଚାରଶୀଳ ଲୋକେ କହନ୍ତି, 'ଯଦି ଏସବୁ କଥା ଠିକ୍ ତେବେ ସନ୍ଧ୍ୟା କରିବା ଦ୍ୱାରା ଲାଭ କ'ଣ ? ବରଂ ନିଜର ଆଚରଣ ଠିକ୍ କର ଯଦ୍ଦ୍ୱାରା ଭବିଷ୍ୟତ ଉଜ୍ଜ୍ୱଳ ହେବ । ସନ୍ଧ୍ୟା କରିବାରେ ଅଯଥା ସମୟ ନଷ୍ଟ କରିବ କାହିଁକି ?'

## ସନ୍ଧ୍ୟା ବି ଏକ ଆଚରଣ

ସନ୍ଧ୍ୟାର ସପକ୍ଷବାଦୀ ଲୋକେ କହନ୍ତି ଯେ ଆଚରଣ ମଧ୍ୟରେ ସନ୍ଧ୍ୟା ବି ଏକ ଆଚରଣ । ଯିଏ ସନ୍ଧ୍ୟା କରେ ନାହିଁ ସିଏ ନିଜକୁ ପୂର୍ଣ୍ଣ ସଦାଚାରୀ ବୋଲି କହିପାରିବ ନାହିଁ, କାରଣ ପୂର୍ଣ୍ଣ ସଦାଚାରୀ ହେବାକୁ ହେଲେ ସନ୍ଧ୍ୟା ରୂପୀ ଏକ ଅଙ୍ଗକୁ ଛାଡ଼ିବା ଉଚିତ ନୁହେଁ । ଏହି ଯୁକ୍ତି ସର୍ବଥା ଶକ୍ତିହୀନ ନ ହେଲେ ବି ସେପରି ବଳିଷ୍ଠ ନୁହେଁ ଯାହା କି ବିରୋଧୀମାନଙ୍କୁ ସନ୍ତୁଷ୍ଟ କରିପାରିବ । କାରଣ ଏହି ଯୁକ୍ତି ଅନୁସାରେ ସଦାଚାରର ଅନେକ ଅଙ୍ଗ ମଧ୍ୟରୁ ସନ୍ଧ୍ୟା କରିବା ଏକ ସାମାନ୍ୟ ଅଙ୍ଗ, ଯାହାକୁ ଉପେକ୍ଷା କରାଯାଇପାରେ । ଲୋକେ କହିପାରନ୍ତି ଯେ ସେମାନେ ସନ୍ଧ୍ୟା କରୁନଥିବାରୁ ସମ୍ପୂର୍ଣ୍ଣ ରୂପେ ସଦାଚାରୀ ନ ହେଲେ ବି ଅଧିକ ଭାଗ ତ ସଦାଚାରୀ । ଏଣୁ ଏତିକିରେ ତ କାମ ଚଳିଯାଉଛି । ଆଉ ଅଧିକ ଆବଶ୍ୟକ ନାହିଁ ।

## ସନ୍ଧ୍ୟାରୁ ଈଶ୍ୱରଙ୍କୁ କ'ଣ ମିଳିବ ?

ସନ୍ଧ୍ୟା କରୁଥିବା ବ୍ୟକ୍ତିମାନେ କହିଥାନ୍ତି ଯେ ଈଶ୍ୱର ଆମକୁ ସବୁ କିଛି ଦେଇଛନ୍ତି । ତାଙ୍କୁ ଧନ୍ୟବାଦ ନ ଦେଲେ ଆମକୁ କୃତଘ୍ନତାର ପାପ ଲାଗିଥାଏ । ଏହି ଉକ୍ତି ତ ଶତ ପ୍ରତିଶତ ଠିକ୍; କିନ୍ତୁ ଏହାର ଉତ୍ତରରେ କୁହାଯାଇପାରେ ଯେ କୃତଜ୍ଞତାର ଅର୍ଥ ଏହା ନୁହେଁ ଯେ ଏତେ ଲମ୍ବା-ଚଉଡ଼ା ସନ୍ଧ୍ୟା କରାଯିବ । ଈଶ୍ୱର ତ ଆମ ହୃଦୟକୁ ଜାଣୁଛନ୍ତି । ଆମେ ମନରେ କହିଦେଉଛୁ ଯେ — 'ହେ ଈଶ୍ୱର ତୁମେ ଧନ୍ୟ ! ତୁମେ ଆମ ଉପରେ ଅପାର ଦୟା କରିଛ ।' ଏହାଠାରୁ ଆଉ ଅଧିକ କରିବାର ଆବଶ୍ୟକତା ନାହିଁ । କାରଣ ଆମର ଧନ୍ୟବାଦ-ଗାନ ଦ୍ୱାରା ଈଶ୍ୱରଙ୍କୁ ତ କିଛି ମିଳିବ ନାହିଁ କି ତାଙ୍କର ପ୍ରସନ୍ନତାରେ କିଛି ପରିବର୍ତ୍ତନ ହେବ ନାହିଁ । ଏଣୁ ଆମର ବି କିଛି ବିଶେଷ ଲାଭ ହେବ ନାହିଁ ।

## ସନ୍ଧ୍ୟା ଶୁଆ-ପାଠ ନୁହେଁ

ଏହା ତ ଠିକ୍ ଯେ କେବଳ ନାମକୁ ମାତ୍ର ମନ୍ତ୍ର ପଢ଼ିବା ବା ଜପ କରିବା ଦ୍ୱାରା ବିଶେଷ କିଛି ଲାଭ ନାହିଁ । ଯୋଗଦର୍ଶନରେ ଯେଉଁଠି ଈଶ୍ୱରଙ୍କ ଜପର ବିଧାନ ରହିଛି ସେଠାରେ ସ୍ପଷ୍ଟ ଉଲ୍ଲେଖ ଅଛି — **"ତଜ୍ଜପସ୍ତଦର୍ଥଭାବନମ୍"** (ଯୋଗ. ୧:୨୮) ଅର୍ଥାତ୍ 'ଓମ୍' ଜପ ସହିତ ତାହାର ଅର୍ଥ ବି ନିଶ୍ଚିତ ରୂପେ ଚିନ୍ତନ କରିବା ଉଚିତ । ଶୁଆ ଭଳି କେବଳ ପାଠ କରିଚାଲିଲେ ସଫଳତା ମିଳେ ନାହିଁ ।

## ମାର୍ଗରେ ଚାଲିବା ଆରମ୍ଭ ତ ହେଉ

ଆମେ ଏ ବିଷୟରେ ଏତିକି କହିବୁ ଯେ ଅର୍ଥ ନ ଜାଣି ସୁଦ୍ଧା କେବଳ ମନ୍ତ୍ର ଜପରେ ମଧ୍ୟ କିଞ୍ଚିତ୍ ଲାଭ ତ ଅବଶ୍ୟ ରହିଛି ଅର୍ଥାତ୍ ଯଦିଓ ଏହା ଦ୍ୱାରା ପଥିକ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ନାହିଁ, କିନ୍ତୁ ଏହି ମାର୍ଗରେ ନିଶ୍ଚିତ କିଛି ରାସ୍ତା ଯାଇପାରିବ । ନ ଚାଲିବା ବ୍ୟକ୍ତି ଅପେକ୍ଷା କିଛି ବାଟ ଚାଲିବା ଭଲ ନିଶ୍ଚୟ । ଯିଏ ଶୁଆ ପରି ଅର୍ଥ ନ ବୁଝି ସନ୍ଧ୍ୟା ମନ୍ତ୍ର ଗାନ କରିଥାଏ, ତାହାକୁ ଉତ୍ତମ ଗୁରୁ ମିଳିଲେ ସିଏ ଶୀଘ୍ର ଅର୍ଥ ବୁଝିବା ସହ ସଫଳତା ପାଇପାରିବ । ତାହା ପାଖରେ ଏକ ପ୍ରାରମ୍ଭିକ ବସ୍ତୁ ବା ବୀଜ ରହିଛି । ତାକୁ ବୃକ୍ଷରେ ପରିଣତ କରି ସେଥିରୁ ଫଳ ପାଇବା ଆବଶ୍ୟକ । ଅବଶ୍ୟ ଏହି ଲାଭ ଅତ୍ୟନ୍ତ ଅଳ୍ପ । ତଥାପି ଯେ କେହି ବି ସନ୍ଧ୍ୟା ଆରମ୍ଭ କରିବ ଏଠାରୁ ହିଁ ଆରମ୍ଭ କରିବ । ଅର୍ଥ ତ ଧୀରେ-ଧୀରେ ଭବିଷ୍ୟତରେ ଜାଣି ହେବ । ଏଣୁ ଏହି ପ୍ରଥମ କାର୍ଯ୍ୟକୁ ମଧ୍ୟ ଉପେକ୍ଷା କରିବା ଅନୁଚିତ । ଆମେ ଏହା କହିବା ଅନୁଚିତ ଯେ, ଅର୍ଥ ନ ବୁଝି ସନ୍ଧ୍ୟା କରିବା ଦ୍ୱାରା କିଛି ଲାଭ ନାହିଁ । ଆମେ ସତ୍ୟକୁ ସ୍ୱୀକାର କରିବା ଉଚିତ ଏବଂ କହିବା ଉଚିତ ଯେ ଯେତେବେଳେ ତୁମେ ଗୋଟିଏ କାର୍ଯ୍ୟ ଆରମ୍ଭ କରିଛ ପୂର୍ଣ୍ଣ ନିଷ୍ଠା ଓ ଶ୍ରଦ୍ଧା ପୂର୍ବକ ସେଥିରେ ଅଗ୍ରସର ହୁଅ, ଯଦ୍ୱାରା ଶନୈଃ-ଶନୈଃ ଯଥେଷ୍ଟ ଫଳ ପ୍ରାପ୍ତ କରିପାରିବ । କୌଣସି ଲାଭ ନାହିଁ କହି ମୂଳରୁ ହିଁ କାହାକୁ ସତ୍ୟପଥରୁ ବିଚ୍ୟୁତ କରିବା ଅନୁଚିତ ।

## ସନ୍ଧ୍ୟା କରିବା ଦ୍ୱାରା ଲାଭ

ଯଦି ଆମେ ନିଜର ପ୍ରବୃତ୍ତିଗୁଡ଼ିକ ଉପରେ ବିଚାର କରିବା ତେବେ ତା'ର ଦୁଇ ପ୍ରକାର ଗତି ଦୃଷ୍ଟିଗୋଚର ହୁଏ; ଯଥା — ଅନ୍ତର୍ମୁଖୀ ପ୍ରବୃତ୍ତି ଓ ବହିର୍ମୁଖୀ ପ୍ରବୃତ୍ତି । ଅଧିକାଂଶ ସମୟରେ ଆମର ପ୍ରବୃତ୍ତି ବହିର୍ମୁଖୀ ରହିଥାଏ । ଆମେ କ'ଣ ଖାଇବା, କ'ଣ ପିନ୍ଧିବା, କାହା ସଙ୍ଗେ ମିଶିବା, କିପରି ଧନ ଅର୍ଜନ କରିବା ଇତ୍ୟାଦି ବାହାର ବିଷୟରେ ହିଁ ପ୍ରାୟ ସବୁବେଳେ ଚିନ୍ତା କରିଥାଉ । ଦିନର ୨୪ ଘଣ୍ଟା ମଧ୍ୟରେ ଖୁବ୍ କମ୍ ସମୟ ଏପରି ହୋଇଥାଏ, ଯେତେବେଳେ ଆମେ ବାହ୍ୟ ପ୍ରବୃତ୍ତିରୁ ନିବୃତ୍ତ ହୋଇପାରୁ ଏବଂ ପ୍ରବୃତ୍ତିଗୁଡ଼ିକ ଅନ୍ତର୍ମୁଖୀ ହୋଇପାରନ୍ତି । କେତେକ ଲୋକ ତ କେବେ ବି ଚିନ୍ତା କରନ୍ତି ନାହିଁ । ହଁ, ଯେତେବେଳେ ଆମେ ଗଭୀର ନିଦ୍ରାରେ ଶୋଇଯାଉ

ସେତେବେଳେ କିଛି ସମୟ ପାଇଁ ବାହ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ । କିନ୍ତୁ ବେଳେବେଳେ ଆମେ ନିଜ ବିଷୟରେ ବି ଚିନ୍ତା କରିବା ଉଚିତ । ଯିଏ ସର୍ବଦା ସାଂସାରିକ ବିଷୟରେ ହିଁ ଲିପ୍ତ ରହିଥାଏ, ସିଏ ରଥର ସେଭଳି ମାଲିକ ପରି ଅଟେ ଯିଏ କି ସର୍ବଦା ରଥର ଯତ୍ନ ବା ସାଜସଜ୍ଜା କରିବାରେ ହିଁ ଲାଗିଥାଏ ଏବଂ ନିଜେ କ୍ଷୁଧିତ, ଉଲଗ୍ନ ହୋଇ ରହିଥାଏ ।

ଆମେ ଆମ ପ୍ରବୃତ୍ତିଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରିପାରିବା; ଯଥା — କେନ୍ଦ୍ରୋନ୍ମୁଖୀ ପ୍ରବୃତ୍ତି ସମୂହ (Centripetal tendencies) ଏବଂ କେନ୍ଦ୍ର-ପ୍ରତିମୁଖୀ ପ୍ରବୃତ୍ତି ସମୂହ (Centrifugal tendencies) । ଯଦି ଆମର ସମସ୍ତ ବୃତ୍ତି କେନ୍ଦ୍ରାଭିମୁଖୀ ହୁଅନ୍ତି, ତେବେ ସଂସାରର ସମସ୍ତ କାର୍ଯ୍ୟ ସମ୍ପାଦନ ହେବା ସମ୍ଭବ ନୁହେଁ । ଆମକୁ ଖାଦ୍ୟ ଓ ବସ୍ତ୍ର ଆଦି ଆବଶ୍ୟକତାର ପୂରଣ ପାଇଁ ବାହାରର ବସ୍ତୁ ସହ ସଂପର୍କ ରଖିବାକୁ ପଡ଼ିଥାଏ । କିନ୍ତୁ ଏପରି ପ୍ରତ୍ୟହ କରୁକରୁ ଧୀରେଧୀରେ ଆମେ ନିଜର କେନ୍ଦ୍ର ଠାରୁ ଦୂରେଇଯାଉ । ଏହାକୁ ରୋକିବା ପାଇଁ ଦ୍ୱିତୀୟ ପ୍ରବୃତ୍ତି କେନ୍ଦ୍ରୋନ୍ମୁଖୀର ଆବଶ୍ୟକତା ପଡ଼ିଥାଏ । ଆମେ ଏହା ମନେରଖିବା ଉଚିତ ଯେ କୌଣସି ବୃତ୍ତ ବା ଚକ୍ର ତିଆରି ପାଇଁ ଦୁଇଟି ଜିନିଷ ଆବଶ୍ୟକ ପଡ଼େ — ପ୍ରଥମଟି କେନ୍ଦ୍ର (Centre) ଓ ଦ୍ୱିତୀୟଟି ବ୍ୟାସାର୍ଦ୍ଧ (Radius) । ଯଦି କେନ୍ଦ୍ର ରହିଛି କିନ୍ତୁ ବ୍ୟାସାର୍ଦ୍ଧ ନାହିଁ ତେବେ ବୃତ୍ତ ହୋଇପାରିବ ନାହିଁ ଏବଂ ଯଦି କେନ୍ଦ୍ର ନ ଥିବ କେବଳ ବ୍ୟାସାର୍ଦ୍ଧ ଥିବ ତେବେ ବି ବୃତ୍ତ ହେବା ଅସମ୍ଭବ । କେନ୍ଦ୍ର ସ୍ଥାନ ନିରୂପଣ କରିଥାଏ ଏବଂ ବ୍ୟାସାର୍ଦ୍ଧ ପରିମାଣ ନିର୍ଦ୍ଧାରଣ । ଯଦି କେନ୍ଦ୍ର ନିର୍ଦ୍ଧାରିତ ହୋଇଗଲା ତେବେ ଯେତେ ବଡ଼ ବ୍ୟାସାର୍ଦ୍ଧ ହେବ ସେହି ଅନୁପାତର ବୃତ୍ତ ଅଙ୍କନ ହୋଇପାରିବ । ଯଦି କେନ୍ଦ୍ର ନାହିଁ ତେବେ ଯେତେ ଛୋଟ ବା ବଡ଼ ବ୍ୟାସାର୍ଦ୍ଧ ହେଲେ ବି ସ୍ଥାନାଭାବ କାରଣରୁ ବୃତ୍ତ ବା ଚକ୍ର ହୋଇପାରିବ ନାହିଁ । ଏହାର ଏକ ସ୍ଥୁଳ ଉଦାହରଣ ରୂପେ ଖୁଣ୍ଟକୁ ନେଇପାରିବା । ଗୋଟିଏ ବଳଦକୁ ଏକ ଖୁଣ୍ଟରେ ବାନ୍ଧିଦିଅ । ବଳଦ ଖୁଣ୍ଟ ଚାରିପଟେ ଘୂରି ବୁଲିବ । କିନ୍ତୁ କେତେ ଦୂର ପର୍ଯ୍ୟନ୍ତ ? ରଶି ଯେତେ ଲମ୍ବା ହୋଇଥିବ । ରଶି ଚକ୍ରର ପରିମାଣକୁ ନିଶ୍ଚିତ କରେ ଏବଂ ଖୁଣ୍ଟ ସ୍ଥାନର । ଯଦି ଖୁଣ୍ଟ ନ ରହିବ ତେବେ ବଳଦ ଦଉଡ଼ି ନେଇ ଚାଲିଯିବ । ଆମ ଆତ୍ମା କେନ୍ଦ୍ର ଅଟେ ଓ ଆମର ଭାବନାଗୁଡ଼ିକ ବ୍ୟାସାର୍ଦ୍ଧ ଅଟନ୍ତି । କେନ୍ଦ୍ରୋନ୍ମୁଖୀ ଏବଂ କେନ୍ଦ୍ର-ପ୍ରତିମୁଖୀ ପ୍ରବୃତ୍ତିଗୁଡ଼ିକର ସମନ୍ୱୟ ଦ୍ୱାରା ହିଁ ଜୀବନ-ଯାତ୍ରା ଚାଲିଥାଏ । ଯଦି ଉଭୟ ମଧ୍ୟରେ ସମନ୍ୱୟର ଅଭାବ ହୁଏ, ତେବେ ସଂସାର-ଯାତ୍ରା ଅସମ୍ଭବ । ଯଜୁର୍ବେଦରେ ଖୁବ୍ ଉପଯୋଗୀ ମନ୍ତ୍ରଟିଏ ରହିଛି —

**ଯସ୍ମିନ୍ନୃଚଃ ସାମ ଯଜୁଁଷି ଯସ୍ମିନ୍ ପ୍ରତିଷ୍ଠିତା ରଥନାଭାବିବାରାଃ ।** (ଯଜୁଃ. ୩୪:୫)

ଏହି ମନରେ ଋକ୍, ଯଜୁ, ସାମବେଦ ଏପରି ସଂଯୁକ୍ତ ହୋଇ ରହିଛନ୍ତି ଯେଉଁପରି କି ରଥ ଚକର ନାଭିରେ ଅରଗୁଡ଼ିକ ଲାଗିଥାନ୍ତି । ଚକର ଗୋଟିଏ କେନ୍ଦ୍ର ଓ ପରିଧି ଥାଏ । କେନ୍ଦ୍ର ଓ ପରିଧି ମଧ୍ୟରେ ଦୃଢ଼ ସମ୍ବନ୍ଧ ରଖିବା ହେଉଛି ଅରଗୁଡ଼ିକର କାର୍ଯ୍ୟ । ଅରଗୁଡ଼ିକ ଚକର କେନ୍ଦ୍ରକୁ ସ୍ୱ ସ୍ଥାନର ରଖନ୍ତି ଏବଂ ପରିଧିକୁ ମଧ୍ୟ ସୀମା ବାହାରକୁ ଯିବାକୁ ଦିଅନ୍ତି ନାହିଁ । ଏହା ଖୁବ୍ ସୁନ୍ଦର ଉପମା । ଧର୍ମ, ଧର୍ମପୁସ୍ତକ ଓ ଈଶ୍ୱର-ଭକ୍ତିର ସବୁଠାରୁ ମୁଖ୍ୟ କାର୍ଯ୍ୟ ହେଲା ଅର ସଦୃଶ, ଯାହା କି କେନ୍ଦ୍ରକୁ ପରିଧି ପଟକୁ ଏବଂ ପରିଧିକୁ କେନ୍ଦ୍ର ପଟକୁ ଟାଣି ରଖିଥାଏ । ଏହା ଦ୍ୱାରା ଆତ୍ମା ସାଂସାରିକ କାର୍ଯ୍ୟରେ ଲିପ୍ତ ରହିଲେ ବି ନିଜର ସ୍ୱରୂପକୁ ଭୁଲେ ନାହିଁ । ଯେଉଁଭଳି ଅର ନ ରହିବା ଦ୍ୱାରା ପରିଧି ଭାଙ୍ଗିଯାଏ ଓ ସମ୍ପୂର୍ଣ୍ଣ ଚକଟି ଅସ୍ତବ୍ୟସ୍ତ ହୋଇଯାଏ, ସେହିଭଳି ଧର୍ମର ବିଚାର ନ ରହିବା ଦ୍ୱାରା ମନୁଷ୍ୟ ସାଂସାରିକ କାର୍ଯ୍ୟରେ ଏପରି ଲିପ୍ତ ହୋଇଯାଏ ଯେ ତା'ର ସାଂସାରିକ ଯାତ୍ରା ବି

ସୁଖମୟ ହୋଇପାରେ ନାହିଁ । ସାଂସାରିକ ସୁଖ କ୍ଷଣସ୍ଥାୟୀ ହୋଇଥାଏ । ଏଥିରେ ସେହି ସମୟ ପର୍ଯ୍ୟନ୍ତ ସୁଖ ରହିଥାଏ, ଯେତେବେଳ ପର୍ଯ୍ୟନ୍ତ ଏହାର ସମ୍ବନ୍ଧ ଆତ୍ମା ସହିତ ଥାଏ । ଯେଉଁଠି ମର୍ଯ୍ୟାଦା ଉଲ୍ଲଙ୍ଘନ ହୁଏ, ସେଠାରେ ସୁଖ ବି ସମାପ୍ତ ହୋଇଯାଏ ଏବଂ ସାମାଜିକ ଅବ୍ୟବସ୍ଥା ଦେଖାଦିଏ ।

## ସନ୍ଧ୍ୟା ମର୍ଯ୍ୟାଦିତ କରିଥାଏ

ସନ୍ଧ୍ୟା କରିବା ଦ୍ୱାରା ସବୁଠାରୁ ବଡ଼ ଲାଭ ଏହା ହୁଏ ଯେ ଆମେ ଆମର ଆତ୍ମା ଏବଂ ଏହା ଭିତରେ ବ୍ୟାପକ ପରମାତ୍ମାଙ୍କ ଚିନ୍ତନ କରି ନିଜର ସାଂସାରିକ ସମ୍ବନ୍ଧକୁ ମର୍ଯ୍ୟାଦିତ ରଖିଥାଉ । ଦିନରେ ଦୁଇଥର ପ୍ରାତଃ-ସାୟଂ କାଳରେ ଏପରି ବିଚାର ଯେ — 'ମୁଁ ଆତ୍ମା ଅଟେ, ଚେତନ ଅଟେ, ଜଡ଼ ନୁହେଁ, ମୋ ପାଇଁ ଯେତିକି ଆବଶ୍ୟକ ସେତିକି ହିଁ ମୋର ଜଡ଼ ଜଗତ ସହିତ ସମ୍ବନ୍ଧ', ଏହା କିଛି କମ୍ ନୁହେଁ । ଆମର ମନ ସେହି ପାରା ସଦୃଶ ଯାହାର ପାଦରେ ଦଉଡ଼ି ବନ୍ଧା ହୋଇଛି । ଏହି ରଶି ତାକୁ ବନ୍ଧା ସ୍ଥାନରୁ ଏକ ନିର୍ଦ୍ଦିଷ୍ଟ ଦୂର ପର୍ଯ୍ୟନ୍ତ ହିଁ ଉଡ଼ିବାକୁ ଦେଇଥାଏ । ଯେତେବେଳେ ସିଏ ସୀମା ପାର କରିବାକୁ ଚେଷ୍ଟା କରେ ଦଉଡ଼ି ତାକୁ ପଛକୁ ଟାଣି ଆଣିଥାଏ - 'ବାସ୍ ଏହା ଠାରୁ ଆଉ ଆଗକୁ ଯାଅନାହିଁ । ଆଗକୁ ଗଲେ ବିପଦ ।'

## ଖୁଣ୍ଟ ବିହୀନ ବଳଦ ହୁଅ ନାହିଁ

ବୁଦ୍ଧିହୀନ ବଳଦ ବୁଝିଥାଏ ଯେ ତା'ର ଗଳାରେ ବନ୍ଧା ଯାଇଥିବା ରଶି ତା' ପାଇଁ ଏକ ବ୍ୟର୍ଥ ବନ୍ଧନ । ଏହା ତାକୁ ଖୁଣ୍ଟ ଠାରୁ ଅଧିକ ଦୂରକୁ ଯିବାକୁ ଦେଉ ନାହିଁ । କିନ୍ତୁ ତାକୁ ଜଣା ନାହିଁ ଯେ ତା'ର ମାଲିକ ବୁଝି-ବିଚାରି ସେହି ରଶି ବାନ୍ଧିଛି । ବନ୍ଧାଯାଇଥିବା ଖୁଣ୍ଟରୁ ଦଉଡ଼ି ଛିଣ୍ଡାଇ ଦୂର ଜଙ୍ଗଲକୁ ଚାଲିଗଲେ ଜଙ୍ଗଲରେ ବାଘ, ସିଂହ ଆଦି ହିଂସ୍ର ଜନ୍ତୁଙ୍କର ଶିକାର ହେବାର ସମ୍ଭାବନା ରହିଛି । ସୁଖ ପ୍ରାପ୍ତି ସେହି ସମୟ ପର୍ଯ୍ୟନ୍ତ ସମ୍ଭବ ଯେତେବେଳ ପର୍ଯ୍ୟନ୍ତ ଦଉଡ଼ିରେ ବାନ୍ଧି ହୋଇ ନିର୍ଦ୍ଦିଷ୍ଟ ସୀମା ଭିତରେ ଚରୁଥିବ । ଈଶୋପନିଷଦରେ କୁହାଯାଇଛି —

**ତେନ ତ୍ୟକ୍ତେନ ଭୁଞ୍ଜୀଥାଃ ।**

(ଯଜୁଃ. ୪୦:୧)

ତ୍ୟାଗ ଭାବ ନେଇ ସଂସାରକୁ ଭୋଗକର । ସଂସାର-ଯାତ୍ରା ପାଇଁ ସଂସାରର ବସ୍ତୁଗୁଡ଼ିକୁ ଭୋଗ କରିବାକୁ ହିଁ ହେବ । କିନ୍ତୁ କ'ଣ ଭୋଗ ହିଁ କରି ଚାଲିଥିବ ? କେତେ ଭୋଗ କରିବ ? ଯଦି ନିୟମ ଉଲ୍ଲଙ୍ଘନ କରିବ ତେବେ ମନେରଖ ଯେ ସାଂସାରିକ ବସ୍ତୁରୁ ସୁଖ ମିଳିବା ସମାପ୍ତ ହୋଇଯିବ । ସଂସାରର ପ୍ରତ୍ୟେକ ବସ୍ତୁ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ହିଁ ସୁଖ ଦିଅନ୍ତି । ସେହି ସୀମା ପାର ହେବା ପରେ ଦୁଃଖ ଆରମ୍ଭ ହୁଏ । ଅଙ୍ଗୁରକୁ ପାଟିରେ ରଖ, ଖୁବ୍ ସ୍ୱାଦିଷ୍ଟ ଲାଗିବ; କିନ୍ତୁ ତାହା ଦୁଇ ଘଣ୍ଟା ପାଟି ଭିତରେ ଧରି ରଖିଲେ ଅରୁଚି ଲାଗିବ । କାହିଁକି ? ଏଥିପାଇଁ ଯେ ସୀମା ପାର ହୋଇଗଲା । ଅଙ୍ଗୁର ସ୍ୱାଦିଷ୍ଟ ଥିଲା । ତା'ର ସ୍ୱାଦକୁ କିଏ ଲୁଟି ନେଲା ? ଅଙ୍ଗୁର ତ ତୁମ ପାଟି ଭିତରେ ରହିଛି । ଉତ୍ତର ମିଳିବ ଯେ ତୁମର ସୀମା ଲଙ୍ଘନ ହିଁ ସେହି ସ୍ୱାଦକୁ ଛଡ଼େଇ ନେଇଗଲା । ଅଙ୍ଗୁର ସେଠାରେ ହିଁ ରହିଛି; କିନ୍ତୁ ତୁମର ଉଚ୍ଛୃଙ୍ଖଳତା ପ୍ରାପ୍ୟ ସୁଖର ବାଧକ ଅଟେ । ପରମାତ୍ମାଙ୍କ ଚିନ୍ତନ ଆମକୁ ସଂସାରରେ ମର୍ଯ୍ୟାଦାର ସୀମା ଉଲ୍ଲଙ୍ଘନକୁ ଅଟକାଇଥାଏ । ଏହା ଆମର ବୃତ୍ତିଗୁଡ଼ିକୁ ଅନ୍ତର୍ମୁଖୀ କରିଥାଏ । ଯଦି ଏହି ଚିନ୍ତନକୁ ସର୍ବଥା ତ୍ୟାଗ କରିଦିଆଯାଏ, ତେବେ ଆମେ ଖୁଣ୍ଟ ବିହୀନ ବଳଦ ହୋଇଯିବା । ମନ ଲଗାଇ ଓ ଅର୍ଥ ବୁଝି ସନ୍ଧ୍ୟା କରୁଥିବା ବ୍ୟକ୍ତିଙ୍କୁ ପ୍ରତ୍ୟହ ଏହା ଚିନ୍ତନ କରିବାକୁ ସୁଯୋଗ ମିଳିଥାଏ ଯେ — 'ମୁଁ କିଏ ? ମୋର ଲକ୍ଷ୍ୟ କ'ଣ ? ସଂସାର ସହ ମୋର ସମ୍ବନ୍ଧ କ'ଣ ? ମୋତେ ସଂସାରର

ବସ୍ତୁଗୁଡ଼ିକୁ କେଉଁ ପର୍ଯ୍ୟନ୍ତ ଭୋଗ କରିବାକୁ ଆଦେଶ ରହିଛି ଏବଂ ଏଥିରେ ମୋର ନିଜର କେତେ ହିତ ନିହିତ ?'

ଆଉ ଏକ କଥା । ଏହା ସମସ୍ତେ ଜାଣନ୍ତି ଯେ ସାଂସାରିକ ବସ୍ତୁଗୁଡ଼ିକରେ ସୁଖ ରହିଛି । ଏସବୁ ଆମକୁ ଭଲ ଲାଗିଥାନ୍ତି । କିନ୍ତୁ ଆମକୁ ଏହା ଜଣା ନାହିଁ ଯେ ଏହି ସୁଖ କେଉଁ ସୀମା ପର୍ଯ୍ୟନ୍ତ ରହିଛି । ଲୋକମାନେ ବସ୍ତୁକୁ ଭୋଗ କରୁଥିବାରୁ ଦୁଃଖ ପାଆନ୍ତି ନାହିଁ । ସେମାନେ ଦୁଃଖ ଏଥିପାଇଁ ପାଇଥାନ୍ତି ଯେ, ସୀମାଠାରୁ ଅଧିକ ଭୋଗ କରନ୍ତି । ଶରୀର ଧାରଣ ପାଇଁ ଭୋଜନର ଆବଶ୍ୟକତା ରହିଛି; କିନ୍ତୁ ପରିମିତ ପରିମାଣରେ ।

## ଆତ୍ମତତ୍ତ୍ୱ ପ୍ରତି ବି ଧ୍ୟାନ ଦିଅ

ଏହାର ଆଗକୁ କ'ଣ ଅଛି ? ରୋଗ ଓ ମୃତ୍ୟୁ । ଯେଉଁ ଦୁଧ, ଦହି, ଘୃତ, ମିଷ୍ଟାନ୍ନ ଆଦି ପଦାର୍ଥଗୁଡ଼ିକ ଶରୀରର ପୁଷ୍ଟିକାରକ ହୋଇଥାନ୍ତି, ମାତ୍ରାଧିକ ସେବନ ଦ୍ୱାରା ସେଗୁଡ଼ିକ ହିଁ ରୋଗର କାରଣ ହୋଇଥାନ୍ତି । ଏଣୁ ଏଥିପ୍ରତି ଧ୍ୟାନ ଦେବା ଅତ୍ୟାବଶ୍ୟକ ଯେ, ଆମକୁ ଜଡ଼ ବସ୍ତୁଗୁଡ଼ିକର ଉପଯୋଗିତାର ସୀମା ସମ୍ପର୍କରେ ସର୍ବଦା ଜ୍ଞାନ ରହିଥିବ ଏବଂ ଏହା ଆମେ ଯେପରି ଭୁଲି ନ ଯିବା ଯେ ପ୍ରତ୍ୟେକ ଖାଇବା-ପିଇବା ବସ୍ତୁର ସୁଖ ଭିତରେ ଆମର ଚେତନାର ଭାଗ କେତେ ? ଈଶ୍ୱରଙ୍କ ଚିନ୍ତନ ଆମକୁ ପ୍ରତିଦିନ ଏକଥା ସ୍ମରଣ କରାଇଥାଏ ଯେ, ପ୍ରତ୍ୟେକ ବସ୍ତୁର ସୁଖ ଉପଲବ୍ଧିରେ ଆତ୍ମତତ୍ତ୍ୱର ଭାଗ ଏତିକି ।

## ମଧୁରତା ଆମେ ବଢ଼ାଉଛେ

ଆଉ ଏକ ସ୍ଥୁଳ ଉଦାହରଣ ନିଅନ୍ତୁ । କିଛି ଗହମ ଦାନା ପାଟିରେ ପକାଇ ସେ ସବୁକୁ ଭଲଭାବେ ଚୋବାନ୍ତୁ । ପ୍ରଥମେ ତାହା ସ୍ୱାଦହୀନ ଜଣାଯିବ । କିନ୍ତୁ କିଛି ସମୟ ଧରି ଚୋବାଇବା ପରେ ତାହା ସ୍ୱାଦିଷ୍ଟ ଅନୁଭବ ହେବ । ସେହି ସ୍ୱାଦ କେଉଁଠାରୁ ଆସିଲା ? ଏହା କେବଳ ଗହମର ସ୍ୱାଦ ନୁହେଁ । ଯେତେବେଳେ ଆପଣ ଖାଦ୍ୟକୁ ଚୋବାଇଥାନ୍ତି ସେତେବେଳେ ଆପଣଙ୍କ ପାଟିରୁ ଏକ ପ୍ରକାର ରସ ଝରିଥାଏ । ସେହି ରସ ଗହମ ଦାନା ସହ ମିଶି ତାହାକୁ ମିଠା କରିଦିଏ । ଏହି କଥା ଯଦି ଆପଣ ବୁଝି ନ ପାରନ୍ତି ତେବେ କୌଣସି ଡାକ୍ତରଙ୍କ ପାଖକୁ ଚାଲି ଯାଆନ୍ତୁ । ସେ ଏହି ରହସ୍ୟକୁ ବୁଝାଇ ଦେବେ । ଏହି ଉଦାହରଣ ମୁଁ ଏଥିପାଇଁ ଦେଲି, କାରଣ ଆପଣ ଏହା ଦ୍ୱାରା ବୁଝିଯିବେ ଯେ ବାହାରର ବସ୍ତୁ ସୁଖପ୍ରଦ ହେବାରେ ଆପଣଙ୍କ ଭିତରର ଭାଗ କେତେ ରହିଛି । ଯଦି ଏହି ରସ ବୋହିବା ବନ୍ଦ ହୋଇଯାଏ, ତେବେ ଖାଦ୍ୟ ପଦାର୍ଥର ସ୍ୱାଦିଷ୍ଟ ଅନୁଭୂତି ବି ବନ୍ଦ ହୋଇଯିବ ।

## ମଧୁରତା ମାନସିକ ଶାନ୍ତିରେ ରହିଛି

ପୂର୍ବୋକ୍ତ ଉଦାହରଣ ଏକ ସାଧାରଣ ଉଦାହରଣ ଥିଲା । ବର୍ତ୍ତମାନ ଟିକେ ଗଭୀର ଭାବେ ଦେଖନ୍ତୁ । ଆପଣଙ୍କୁ ଯେଉଁ ବସ୍ତୁ ଅଧିକ ପ୍ରିୟ ଲାଗେ ତାହାକୁ ଖାଇବାକୁ ବସନ୍ତୁ; କିନ୍ତୁ ଏପରି ଏକ ସମୟରେ ଯେତେବେଳେ ଆପଣଙ୍କୁ ଅନେକଗୁଡ଼ିଏ ମାନସିକ ଚିନ୍ତା ଘେରି ରହିଥିବ । ସେତେବେଳେ ଆପଣ କ'ଣ କହିଥାନ୍ତି ? 'ବର୍ତ୍ତମାନ ଖାଦ୍ୟ ପାଟିକୁ ଯାଉନାହିଁ । ବହୁତ କିଛି ଯତ୍ନ କଲି; କିନ୍ତୁ ଖାଇ ପାରିଲି ନାହିଁ ।' ମୁଁ ପଚାରୁଛି କି ଦୋଷ କାହାର ? ଖାଦ୍ୟର ତ ନୁହେଁ, କାରଣ ଖାଦ୍ୟ ଖୁବ୍ ଭଲ ହୋଇଛି । ଦୋଷ ଆପଣଙ୍କ ଭିତର ଭାବନାଗୁଡ଼ିକର ଯାହା ସ୍ୱାଦିଷ୍ଟ ଖାଦ୍ୟରେ ବିଷ ମିଶାଇ ତାହାକୁ ଅରୁଚିକର କରିଦେଲା । ଏଣୁ ଚିକିତ୍ସକମାନେ କହନ୍ତି ଖାଇବା ସମୟରେ ମନକୁ ପ୍ରଫୁଲ୍ଲ ରଖ, ପ୍ରସନ୍ନ ଚିତ୍ତରେ ଖାଅ, ନାକ ଟେକି ଖାଅ ନାହିଁ । ଯେପରି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ପାଟିର ରସ ଆବଶ୍ୟକ

ହୁଏ, ସେହିପରି ଭିତର ପ୍ରବୃତ୍ତି ଅର୍ଥାତ୍ ପ୍ରଫୁଲ୍ଲିତ ମନ ମଧ୍ୟ ଆବଶ୍ୟକ । ମନର ଶାନ୍ତି ପାଇଁ ଆତ୍ମତତ୍ତ୍ୱ ଅତି ମୂଲ୍ୟବାନ୍ ଅଙ୍ଗ । ସନ୍ଧ୍ୟା ଆମକୁ ଏହି ତତ୍ତ୍ୱର ସ୍ମରଣ କରାଇଥାଏ ।

ସନ୍ଧ୍ୟା କରିବା ଦ୍ୱାରା ଆମେ ଈଶ୍ୱରଙ୍କର ଚାଟୁକାରିତା କରୁନାହୁଁ । ଏପରି କୌଣସି ବ୍ୟକ୍ତିଙ୍କର ଗୁଣର ଚିନ୍ତନ କରିବା, ଯାହାଙ୍କ ଠାରୁ ଆମକୁ ଲାଭ ମିଳିଥାଏ ତାହା ଚାଟୁକାରିତା ନୁହେଁ । ଚାଟୁକାରିତା ତାକୁ କୁହାଯାଏ ଯାହାଦ୍ୱାରା କାହାକୁ ତୁଷ୍ଟ କରି ତାହାଠାରୁ ଅନୁଚିତ ସ୍ୱାର୍ଥସିଦ୍ଧି ପାଇଁ ଉଦ୍ୟମ କରାଯାଏ, ଯାହାର କି ଆମେ ହକ୍‌ଦାର ନୋହୁଁ ।

## ଗୁଣଗୁଡ଼ିକର ବିଚାର ଆବଶ୍ୟକ

ଯେତେକ ବସ୍ତୁ ଆମେ ଭୋଗ କରୁ ସେସବୁର ଗୁଣଗୁଡ଼ିକୁ ପ୍ରଥମେ ଚିନ୍ତନ କରିଥାଉ । ତୃଷାର୍ତ୍ତ ବ୍ୟକ୍ତି ସେତେବେଳେ ପାଣି ଚାହିଁଥାଏ ଯେତେବେଳେ ପାଣିର ଶୀତଳତା ପ୍ରତି ତା'ର ଧ୍ୟାନ ଯାଇଥାଏ । ଆମେ କୌଣସି ବ୍ୟକ୍ତି ପାଖକୁ ତାହାର ଗୁଣରୁ ଲାଭ ପାଇବା ପାଇଁ ସେତେବେଳେ ଯାଉ, ଯେତେବେଳେ ଆମେ ତାହାର ଗୁଣଗୁଡ଼ିକ ବିଷୟରେ ପୂର୍ବରୁ ଚିନ୍ତନ କରିଥାଉ । ଏଣୁ ଗୁଣର ଚିନ୍ତନ କରିବା ଚାଟୁକାରିତା ନୁହେଁ, ଏବଂ ଏହି ଚିନ୍ତନ ଯଦି ସ୍ପଷ୍ଟ ଶବ୍ଦ ଦ୍ୱାରା କରାଯାଏ, ତେବେ ଚିନ୍ତନରେ କୌଣସି ବାଧା ସୃଷ୍ଟି ହୁଏ ନାହିଁ, ବରଂ ଚିନ୍ତନ ଅଧିକ ସ୍ପଷ୍ଟ ହୋଇଯାଏ, କାରଣ ଶବ୍ଦଗୁଡ଼ିକର ଉଚ୍ଚାରଣ ସ୍ପଷ୍ଟ ଚିନ୍ତନ ପାଇଁ ସହାୟକ ହୋଇଥାଏ ।

ଶିଶୁଟିଏ ଡାକ ପକାଏ 'ଆଇସ୍‌କ୍ରିମ୍ ବାଲା ! ଆଇସ୍‌କ୍ରିମ୍ ଦେଇଯାଅ ।' ଏହା ଚାଟୁକାରିତା ନୁହେଁ । ଆଇସ୍‌କ୍ରିମ୍ ସହିତ ଆଇସ୍‌କ୍ରିମ୍‌ବାଲାର ଗୁଣର ଚିନ୍ତନ ଶିଶୁର ମସ୍ତିଷ୍କରେ ହୋଇଥାଏ । ଶିଷ୍ୟ ଗୁରୁଙ୍କ ନିକଟରେ ପ୍ରାର୍ଥନା କରିଥାଏ, 'ଗୁରୁଦେବ ! ବ୍ୟାକରଣ ପଢ଼ାନ୍ତୁ ।' ଏହାର ଅର୍ଥ ଏହା ଯେ ଗୁରୁଦେବ ବୋଲି କହିବା ସମୟରେ ହିଁ ଗୁରୁଦେବଙ୍କ ଗୁଣର ଚିନ୍ତନ ହେଲା । ଏହି ଚିନ୍ତନ ଦ୍ୱାରା ପ୍ରେରିତ ହୋଇ ହିଁ ପ୍ରାର୍ଥନା କରାଗଲା । ବେଳେବେଳେ ଗୁଣର ଚିନ୍ତନ ନୀରବରେ ବି ହୋଇଥାଏ, ଯେପରି କି ସନ୍ତାନ ନିଜର ପିତାଙ୍କ ନିକଟକୁ ଯାଇ କହିଥାଏ, 'ବାପା, ମୋର ଦଶ ଟଙ୍କା ଆବଶ୍ୟକ ।' ସେହି ପ୍ରାର୍ଥୀ ଜାଣିଥାଏ ଯେ ପିତାଙ୍କଠାରେ ଟଙ୍କା ଅଛି ଓ ତାଙ୍କର ମୋ ପ୍ରତି ସ୍ନେହ ବି ରହିଛି ଏବଂ ସେ କୃପଣ ବି ନୁହନ୍ତି । ଯଦି ସନ୍ତାନ ଜାଣିଥାଏ ଯେ ପିତାଙ୍କ ଠାରେ ଉପରୋକ୍ତ ଗୁଣ ନାହିଁ, ତେବେ ସେ କଦାପି ପିତାଙ୍କୁ ଏପରି ପ୍ରାର୍ଥନା କରିବ ନାହିଁ । କିନ୍ତୁ ଉପକାରୀ ବ୍ୟକ୍ତି ଯଦି ଅଦୃଷ୍ଟ ଏବଂ ଅତି ସୂକ୍ଷ୍ମ ହୋଇଥାନ୍ତି ତଥା ସାଧାରଣ ରୂପେ ତାଙ୍କ ପ୍ରତି ଧ୍ୟାନ ଯାଏ ନାହିଁ ତେବେ ସେଥିପାଇଁ ସ୍ପଷ୍ଟ ଶବ୍ଦରେ ପ୍ରାର୍ଥନା କରିବା ଆବଶ୍ୟକ ହୋଇପଡ଼େ । କାରଣ ଶବ୍ଦ ଯେତେଯେତେ ଉଚ୍ଚାରଣ (ବ୍ୟକ୍ତ) କରାଯାଏ ସେହି-ସେହି ଶବ୍ଦଗୁଡ଼ିକର ବାଚ୍ୟ ଅର୍ଥ ବି ସ୍ପଷ୍ଟ ରୂପେ ଚିନ୍ତନ ହୋଇଥାଏ । ମାଆ ହାତରୁ ପାଇଥିବା ଖାଦ୍ୟକୁ ଖାଉଥିବା ବେଳେ ସନ୍ତାନ ଯଦି ଚିନ୍ତନ କରେ ଯେ ମୋର ମାଆ ମୋତେ ଖାଇବାକୁ ଦେଉଛନ୍ତି, ତେବେ ସନ୍ତାନର କେବଳ ମାଆଙ୍କ ପ୍ରତି ପ୍ରେମ ଭାବ ଜାଗ୍ରତ ହୁଏ ନାହିଁ; ବରଂ ସେହି ପ୍ରେମରୁ ଅଧିକ ଆନନ୍ଦ ସନ୍ତାନକୁ ମିଳିଥାଏ । ପ୍ରେମର ଆନନ୍ଦ ଉଭୟପକ୍ଷୀୟ ଅଟେ । ଯିଏ ପ୍ରେମ କରେ ସିଏ ନିଜେ ଆନନ୍ଦ ପାଇଥାଏ ଏବଂ ଯାହାକୁ ପ୍ରେମ କରାଯାଏ ସିଏ ମଧ୍ୟ ଆନନ୍ଦ ପାଇଥାଏ । ଛୋଟ ଶିଶୁମାନେ ପ୍ରାୟ ଜିଦ୍ କରିଥାନ୍ତି ଯେ ତାଙ୍କ ମାଆ ହିଁ ତାଙ୍କୁ ଖାଦ୍ୟ ଖୁଆଇବେ । ସେମାନେ ଅନ୍ୟ ହାତରୁ ଖାଦ୍ୟ ଖାଇବାକୁ ଆଗ୍ରହ କରନ୍ତି ନାହିଁ । ଏହା ତ ଦେଖିବାକୁ ପିଲାଳିଆମି କଥା, କାରଣ ପେଟ ତ ଖାଦ୍ୟ ଦ୍ୱାରା ପୂରିବ, ଖୁଆଇବା ଲୋକର ହାତ ଦ୍ୱାରା ନୁହେଁ; କିନ୍ତୁ ଏହି ସାଧାରଣ ଘଟଣା ପଛରେ ଏକ ବହୁତ ବଡ଼ ଦାର୍ଶନିକ ତଥ୍ୟ ଲୁଚି

ରହିଛ । ଶିଶୁ ଖାଦ୍ୟ ବି ଖାଇଥାଏ ଏବଂ ତା' ସହିତ ମାଆର ସ୍ନେହକୁ ମଧ୍ୟ ଆସ୍ୱାଦନ କରିଥାଏ । ସେହିପରି ସଂସାରର ଭୋଗ୍ୟ ପଦାର୍ଥ ସହିତ ଯଦି ଏ ଭାବନା ବି ରହେ ଯେ ଏହି ଭୋଗ୍ୟ ବସ୍ତୁ କୌଣସି ପରମ କାରୁଣିକ ସତ୍ତାଙ୍କ ଦ୍ୱାରା ପ୍ରାପ୍ତ ହେଉଛି, ତେବେ ସେଥିରୁ ପ୍ରାପ୍ତ ହେଉଥିବା ଆନନ୍ଦରେ ବିଶଦତା ଆସିଯାଏ । ଏଣୁ ଯେଉଁମାନେ 'ଚଟୁକାରିତ-ଚଟୁକାରିତା' କହି ଈଶ୍ୱରଙ୍କ ପ୍ରତି ଭକ୍ତିକୁ ଉପେକ୍ଷା କରିଥାନ୍ତି, ସେମାନେ ଅଜ୍ଞତାବଶତଃ ନିଜକୁ ଏକ ପରମ ଆନନ୍ଦରୁ ବଞ୍ଚିତ କରିଥାନ୍ତି ।

## ମନୋବିଜ୍ଞାନର ସିଦ୍ଧାନ୍ତ

ଆପଣ ବଜାରରୁ ମିଠାଇ କିଣି ଆଣି ଖାଆନ୍ତୁ ଏବଂ ନିଜର କୌଣସି ବନ୍ଧୁ ଦେଇଥିବା ମିଠାଇ ଖାଆନ୍ତୁ । ଏ ଉଭୟ ମିଠାଇ ଖାଇବାରେ ଯେଉଁ ଆନନ୍ଦ ମିଳିବ ସେଥିରେ ନିଶ୍ଚୟ ପାର୍ଥକ୍ୟ ରହିବ । କ୍ରୟ କରି ଆଣିଥିବା ମିଠାଇରୁ କେବଳ ସ୍ଥୂଳ ମିଠା ମିଳିବ ଏବଂ ଅନ୍ୟ ମିଠାଇରେ ସ୍ନେହର ଏକ ସୂକ୍ଷ୍ମ ମିଷ୍ଟତ୍ୱ ବି ଉପଲବ୍ଧ ହେବ । ଉପହାର ପଠାଇବାର ଯେଉଁ ପ୍ରଥା ରହିଛି ତାହା ପଛରେ ବି ଏହି ସତ୍ୟତା ନିହିତ ରହିଛି । ଉପହାର, ଯାହାକୁ ସ୍ଥୂଳ ଦୃଷ୍ଟିରେ ଦେଖିହୁଏ, ତାହାର ମୂଲ୍ୟ ଅଧିକ ନୁହେଁ; କିନ୍ତୁ ଯେତେବେଳେ ସେହି ଉପହାର ସହିତ ପ୍ରେମ, ଆଦର ଓ ସମ୍ମାନ ମିଶି ରହିଥାଏ ତାହାର ମୂଲ୍ୟ ବଢ଼ିଯାଏ ।

## ଆତ୍ମବିକାଶ ନିମନ୍ତେ ସନ୍ଧ୍ୟା

ସନ୍ଧ୍ୟାର ମନ୍ତ୍ରଗୁଡ଼ିକର ପ୍ରୟୋଜନ ଏହା ଯେ ସେଥିରେ ସ୍ୱଷ୍ଟ ରୂପେ ସେହି ସତ୍ତାଙ୍କର ଗୁଣଗୁଡ଼ିକର ବର୍ଣ୍ଣନା କରାଯାଇଛି, ଯିଏ ଆମକୁ ସଂସାରରେ ସବୁ କିଛି ଦେଇଛନ୍ତି ଓ ଦେଉଛନ୍ତି । ସେହି ଗୁଣଗୁଡ଼ିକର ଚିନ୍ତନ ସେହି ସତ୍ତାଙ୍କ ପାଇଁ ନୁହେଁ; ବରଂ ଆମର ଆନ୍ତରିକ ବିକାଶ ନିମନ୍ତେ ଆବଶ୍ୟକ ।

## ନିର୍ଦ୍ଦିଷ୍ଟ ଶବ୍ଦ ଦ୍ୱାରା ପ୍ରାର୍ଥନା କାହିଁକି

କିଛି ଲୋକ ଆକ୍ଷେପ କରିଥାନ୍ତି ଯେ ସନ୍ଧ୍ୟା ବା ପ୍ରାର୍ଥନା କିଛି ନିର୍ଦ୍ଦିଷ୍ଟ ଶବ୍ଦ(ମନ୍ତ୍ର) ଦ୍ୱାରା କାହିଁକି କରାଯିବ ? କ'ଣ ଈଶ୍ୱର କେବଳ ସଂସ୍କୃତ ଭାଷା ହିଁ ବୁଝିଥାନ୍ତି ? କ'ଣ ସେ ଆମର ହୃଦୟର ଭାଷା ଜାଣନ୍ତି ନାହିଁ ? ଏପରି ଆକ୍ଷେପ କରୁଥିବା ବ୍ୟକ୍ତି ସନ୍ଧ୍ୟାର ମହତ୍ତ୍ୱକୁ ବୁଝନ୍ତି ନାହିଁ । ଆମେ ପ୍ରଥମରୁ ହିଁ କହିଛୁ ଯେ ଈଶ୍ୱରଙ୍କ ଗୁଣର ଚିନ୍ତନ କରିବା ଆବଶ୍ୟକ । ଆମେ ବୃଥାରେ ତାଙ୍କୁ କିଛି ମାଗୁ ନାହୁଁ କି ଆମେ ଇଚ୍ଛାନୁସାରେ ଯାହା ତାହା ଈଶ୍ୱରଙ୍କୁ ମାଗିବା ବି ଆଦୌ ଉଚିତ ନୁହେଁ । ଏଠାରେ ପ୍ରଶ୍ନ ଏହା ନୁହେଁ ଯେ ଈଶ୍ୱର ଶୁଣନ୍ତି ନା ନାହିଁ ଏବଂ ସଂସ୍କୃତ ବୁଝନ୍ତି ନା ହିନ୍ଦୀ, ବରଂ ପ୍ରଶ୍ନ ହେଉଛି କି ଆମେ ନିଜର ମନରେ କେଉଁ ଗୁଣଗୁଡ଼ିକର ଚିନ୍ତନ କରିବା ଆବଶ୍ୟକ ? ଜଣେ ଲୋକ କହିପାରେ — "ହେ ପ୍ରଭୁ ! ମୁଁ ଆଜି ଡକାୟତି କରିବାକୁ ଯାଉଛି, ମୋତେ ସଫଳତା ପ୍ରଦାନ କରନ୍ତୁ ।" କିନ୍ତୁ ଏପରି ପ୍ରାର୍ଥନା ସେହି ବ୍ୟକ୍ତି କରିବ ଯାହାର ବିଶ୍ୱାସ ଥିବ ଯେ ଈଶ୍ୱର ଡକାୟତିରେ ସହାୟତା କରନ୍ତି । ଏହିପରି ଗୁଣର ଚିନ୍ତନ ତାହାର ଆତ୍ମିକ ବିକାଶ ନିମନ୍ତେ କେତେ ପରିମାଣରେ ଲାଭ ବା କ୍ଷତିକାରକ ହେବ ତାହା ପାଠକଗଣ ନିଜେ ବିଚାର କରିପାରିବେ । ମସ୍ତିଷ୍କର ବିକାଶ ତ ବିଚାର ଦ୍ୱାରା ହୋଇଥାଏ । ଆମେ ପ୍ରାର୍ଥନାରେ କେବଳ ଏହା କରିବା ଉଚିତ ନୁହେଁ ଯେ ଯାହା ବିଚାର ଆମ ମନରେ ରହିଛି ତାକୁ ବ୍ୟକ୍ତ କରିବା । ଏହା ବ୍ୟତୀତ ସବୁଠାରୁ ମୁଖ୍ୟ ତଥା ଆବଶ୍ୟକ କାର୍ଯ୍ୟ ଏହା ଯେ ଆମର ମନରେ ସେପରି ବିଚାର ତରଙ୍ଗ ବି ଉତ୍ପନ୍ନ ହେଉ ଯାହା ସାଧାରଣ ଭାବେ ଉତ୍ପନ୍ନ ହେଉ ନାହିଁ । ଆମେ ନିଜର ମସ୍ତିଷ୍କର ସ୍ତରକୁ ଏପରି ଉଚ୍ଚ କରିବାକୁ ଚାହୁଁ । ଏଣୁ ଏଥିପାଇଁ ବିକାଶର ପ୍ରାଥମିକ ଅବସ୍ଥାରେ ନିର୍ଦ୍ଦିଷ୍ଟ ଶବ୍ଦ ଆବଶ୍ୟକ । ଭକ୍ତର ଏପରି ବି ଅବସ୍ଥା ଆସିପାରେ ଯେତେବେଳେ ତା'ର ମନ ଏତେ ଉଚ୍ଚ ହୋଇଯିବ ଯେ ବାହ୍ୟ ଶବ୍ଦର

ଆବଶ୍ୟକତା ପଡ଼ିବ ନାହିଁ । କିନ୍ତୁ ଏହା ତ ଅତି ଉନ୍ନତ ମସ୍ତିଷ୍କର ବିଷୟ । ପ୍ରତ୍ୟେକ ବ୍ୟକ୍ତି ଏପରି ହୋଇନଥାନ୍ତି ଏବଂ ଯେତେବେଳ ପର୍ଯ୍ୟନ୍ତ ସେ ଏପରି ନ ହୋଇଛି ତାକୁ ସନ୍ଧ୍ୟାର ନିର୍ଦ୍ଦିଷ୍ଟ ମନ୍ତ୍ରକୁ ସମ୍ମୁଖରେ ରଖିବା ଆବଶ୍ୟକ । ଶବ୍ଦ ଭାବର ରକ୍ଷକ ହୋଇଥାଏ । ବିନା ଶବ୍ଦରେ ଭାବ ଲୁପ୍ତ ହେବାର ସମ୍ଭାବନା ରହିଥାଏ । ଏଣୁ ଶବ୍ଦଗୁଡ଼ିକୁ ଅବହେଳା ବା ଉପେକ୍ଷା କରାଯାଇ ନ ପାରେ । ଏହା ଠିକ୍ ଯେ ଶବ୍ଦ ସବୁ କିଛି ନୁହେଁ । କେବଳ ଘୋଷିବା ପୂର୍ଣ୍ଣ ଲାଭଦାୟକ ନୁହେଁ । କିନ୍ତୁ ଏହା ବି କହିବା ଅନୁଚିତ ଯେ ଶବ୍ଦ କିଛି ବି ନୁହେଁ । ବେଦ ମନ୍ତ୍ରରେ ଯେଉଁ ସବୁ ଶବ୍ଦ ଆସେ ସେସବୁକୁ ଅର୍ଥ ସହିତ ବୁଝିବା ଦ୍ୱାରା ଉଚ୍ଚ ଆର୍ଦଶ ଆମର ହୃଦୟପଟଳରୁ ଦୂର ହୋଇପାରେ ନାହିଁ । ବିନା ମନ୍ତ୍ରରେ ବି ଆମେ ନିଜର ଭାବ ବା ଇଚ୍ଛାକୁ ଈଶ୍ୱରଙ୍କଠାରେ ପ୍ରକଟ କରିପାରିବା । କିନ୍ତୁ କେବଳ ଏତିକି ହିଁ କରିବା ଭିକାରୀ ପଣିଆ ଅଟେ । ପ୍ରତ୍ୟେକ ବ୍ୟକ୍ତିର ଅଭିଳାଷ ତାହାର ପ୍ରବୃତ୍ତି ଓ ଯୋଗ୍ୟତା ଅନୁସାରେ ହୋଇଥାଏ । ଏକ ମଦ୍ୟପ ଈଶ୍ୱରଙ୍କୁ ମଦ ପାଇଁ ପ୍ରାର୍ଥନା କରିପାରେ, ଜଣେ କାମୁକ ଈଶ୍ୱରଙ୍କଠାରେ କାମ ବାସନା ତୃପ୍ତି ପାଇଁ ପ୍ରାର୍ଥୀ ହୋଇପାରେ । କିନ୍ତୁ ଆମର ଯେ କୌଣସି ପ୍ରକାର କାମନାଗୁଡ଼ିକ ପୂରଣ ହେଉଥାଉ, ଏହା ତ ଜୀବନର ଉଦ୍ଦେଶ୍ୟ ହେବା ଉଚିତ ନୁହେଁ ।

## ଖରାପ ବିଚାର ଉତ୍ପନ୍ନ ହିଁ ନ ହେଉ

ସନ୍ଧ୍ୟାର ଏହା ପ୍ରୟୋଜନ ନୁହେଁ ଯେ ଆମର କାମନାଗୁଡ଼ିକ ପୂରଣ ହୋଇଯାଉ । ସନ୍ଧ୍ୟାର ପ୍ରୟୋଜନ ତ ଏହା ଯେ ମନରେ ଖରାପ ବିଚାର ଆସି ନପାରୁ ଏବଂ ଯଦି ବି ଆସେ ତେବେ ତୁରନ୍ତ ନିଷ୍ପ୍ରଭ ହୋଇଯାଉ । ଆତ୍ମୋନ୍ନତିର ଅନୁକୂଳ ବିଚାର ନିମନ୍ତେ ପ୍ରାର୍ଥନା କରାଯିବା ଉଚିତ ଏବଂ ଯେଉଁ ବିଚାର ଆତ୍ମୋନ୍ନତିର ପ୍ରତିକୂଳ ତାହାର ଦମନ ହେବା ଆବଶ୍ୟକ । ହୃଦୟରୂପୀ ଉଦ୍ୟାନରେ ଫୁଲଫଳ ବି ଥାଏ ଏବଂ ଅନାବନା ଘାସ, କଣ୍ଟାବୁଦା ବି । ତେଣୁ ସବୁଗୁଡ଼ିକର ଉନ୍ନତି ନିମନ୍ତେ ତ ପ୍ରାର୍ଥନା କରିବା ଉଚିତ ନୁହେଁ । ଅନାବାନ ଘାସକୁ ଉପାଡ଼ି ଦେବା ଆବଶ୍ୟକ, ଯଦ୍ୱାରା ଫୁଲ-ଫଳ ଗଛକୁ ବଢ଼ିବାର ସୁଯୋଗ ମିଳିବ । ଏଣୁ ଯେଉଁମାନେ କହିଥାନ୍ତି ଯେ ନିଜ ଭାଷାରେ ନିଜର ବିଚାରକୁ ପ୍ରକାଶ କରିବା ହିଁ ସନ୍ଧ୍ୟା, ସେମାନେ ସନ୍ଧ୍ୟାର ମୂଳ ଉଦ୍ଦେଶ୍ୟକୁ ହିଁ ବୁଝିନାହାନ୍ତି । ଯଦି ଆମେ ସ୍ୱେଚ୍ଛାଚାରୀ ହୋଇ ଏଣୁତେଣୁ ଭାବନା ପ୍ରକଟ କରୁଥିବା ଏବଂ ଈଶ୍ୱର ତାହା ପୂରଣ କରି ଚାଲିଥିବେ, ତେବେ ଆମେ ଦିନକୁ ଦିନ ଅଧିକରୁ ଅଧିକ ବିଷୟାସକ୍ତ, ଲୋଭୀ ଓ ନିକୃଷ୍ଟ ହୋଇଯିବା । ଏହା ଉନ୍ନତି ନୁହେଁ, ବରଂ ମହତୀ ଅବନତି ହେବ ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

## ଶୈବମତ ସମୀକ୍ଷା

**ପ୍ରଶ୍ନ —** ଶୈବମାନେ ତ ଭଲ ଅଟନ୍ତି ?

**ଉତ୍ତର —** ଭଲ ଆଉ କିପରି ହେଲେ ? **'ଯେମିତି ପ୍ରେତନାଥ ସେମିତି ଭୂତନାଥ'** । ବାମମାର୍ଗୀମାନେ ଯେପରି ମନ୍ତ୍ରୋପଦେଶ ଛଳରେ ଲୋକଙ୍କ ଧନ ହରଣ କରନ୍ତି, ଶୈବମାନେ ମଧ୍ୟ ସେପରି କରନ୍ତି । **'ଓଂ ନମଃ ଶିବାୟ'** (ଲିଙ୍ଗପୁରାଣ. ୧:୮୫) ଇତ୍ୟାଦି ପଞ୍ଚାକ୍ଷରାଦି ମନ୍ତ୍ର ଉପଦେଶ କରନ୍ତି, ରୁଦ୍ରାକ୍ଷ ଓ ଭସ୍ମ ଧାରଣ କରନ୍ତି, ମାଟି କିମ୍ବା ପାଷାଣାଦିର ଲିଙ୍ଗ ତିଆରି କରି ପୂଜା କରନ୍ତି, **'ହର-ହର, ବମ୍-ବମ୍'** ଓ ଛେଳିମାନଙ୍କ ଶବ୍ଦ ଭଳି **'ବଡ଼-ବଡ଼-ବଡ଼'** ଶବ୍ଦ କରନ୍ତି । ଏସବୁର କାରଣ ବିଷୟରେ କହନ୍ତି ଯେ ତାଳି ବଜାଇଲେ ଓ **'ବମ୍-ବମ୍'** କହିଲେ ପାର୍ବତୀ ପ୍ରସନ୍ନ ଓ ମହାଦେବ ଅପ୍ରସନ୍ନ ହୁଅନ୍ତି । କାରଣ ଭସ୍ମାସୁର ସମ୍ମୁଖରୁ ଶିବ ଯେତେବେଳେ ଦୌଡ଼ି ପଳାଇଥିଲେ ସେତେବେଳେ 'ବମ୍-ବମ୍' ଶବ୍ଦ କହିଥିଲେ ଓ ଥଟ୍ଟା କରି ତାଳି ବଜାଯାଇଥିଲା । ପୁଣି ଗାଲରେ ହାତ ମାରି ଛେଳି ପରି ଶବ୍ଦ କଲେ ପାର୍ବତୀ ଅପ୍ରସନ୍ନ ଓ ଶିବ ପ୍ରସନ୍ନ ହୁଅନ୍ତି । କାରଣ ପାର୍ବତୀଙ୍କ ପିତା ଦକ୍ଷପ୍ରଜାପତିଙ୍କ ମୁଣ୍ଡ କାଟି ଶିବ ଅଗ୍ନିରେ ପକାଇ ତାଙ୍କ କାନ୍ଧରେ ଛେଳିର ମୁଣ୍ଡ ଲଗାଇ ଦେଇଥିଲେ । ଛେଳିର ଶବ୍ଦ ଭଳି ଗାଲ ବଜାଇ ଶବ୍ଦ କରିବାକୁ ତା'ର ନକଲ ଭଳି ବୋଲି ମାନନ୍ତି । ଶିବରାତ୍ରି ଉଜାଗର ବ୍ରତ କରନ୍ତି । ଇତ୍ୟାଦି କର୍ମରେ ମୁକ୍ତି ହୁଏ ବୋଲି ମାନନ୍ତି । ଏଣୁ ବାମମାର୍ଗୀମାନେ ଯେମିତି ଭ୍ରାନ୍ତ, ଶୈବମାନେ ମଧ୍ୟ ସେମିତି ଭ୍ରାନ୍ତ । ଏମାନଙ୍କ ମଧ୍ୟରେ ବିଶେଷତଃ କାନଫଟା, ନାଥ, ଗିରି, ପୁରୀ, ବନ, ଅରଣ୍ୟ, ପର୍ବତ ଓ ସାଗର ଆଦି ସମ୍ପ୍ରଦାୟର ବିରକ୍ତ ତଥା ଗୃହସ୍ଥମାନେ ମଧ୍ୟ ଶୈବ ହୋଇଥାନ୍ତି । କେହି-କେହି ଏକାଥରକେ **'ଦୁଇ ନାଆରେ ଗୋଡ଼ ଦେଇଥାନ୍ତି'** ଅର୍ଥାତ୍ ବାମମାର୍ଗ ଓ ଶୈବ ଉଭୟ ମତକୁ ମାନିଥାନ୍ତି । ଆଉ କେତେକ ବୈଷ୍ଣବ ବି ହୋଇଥାନ୍ତି । ସେମାନଙ୍କ ସ୍ୱରୂପ ହେଲା—

**ଅନ୍ତଃ ଶାକ୍ତା ବହିଶ୍ଶୈବାଃ ସଭାମଧ୍ୟେ ଚ ବୈଷ୍ଣବାଃ ।**
**ନାନାରୂପଧରାଃ କୌଳା ବିଚରନ୍ତୀହ ମହୀତଲେ ॥** (କୌଲୋପନିଷତ୍, କୁଳାର୍ଣ୍ଣବତନ୍ତ୍ର. ୧୧:୩୦)

ଭିତରେ 'ଶାକ୍ତ' ଅର୍ଥାତ୍ ବାମମାର୍ଗୀ, ବାହାରେ 'ଶୈବ' ଅର୍ଥାତ୍ ରୁଦ୍ରାକ୍ଷ-ଭସ୍ମ ଧାରଣ କରନ୍ତି, ସଭାରେ 'ବୈଷ୍ଣବ' ଅର୍ଥାତ୍ ବିଷ୍ଣୁଙ୍କର ଉପାସକ ବୋଲି ପରିଚୟ ଦେଇଥାନ୍ତି । ଏପରି ନାନା ପ୍ରକାର ରୂପ ଧାରଣ କରି ବାମମାର୍ଗୀମାନେ ସଂସାରରେ ବିଚରଣ କରନ୍ତି ।

## ବୈଷ୍ଣବମତ ସମୀକ୍ଷା

**ପ୍ରଶ୍ନ — ବୈଷ୍ଣବ**ମାନେ ତ ଭଲ ?

**ଉତ୍ତର —** କ'ଣ ଖମ୍ବଆଳୁଟା ଭଲ ? ଯେମିତି ସେମାନେ, ସେମିତି ଏମାନେ । ଦେଖ ବୈଷ୍ଣବଙ୍କ ଲୀଳା !

ନିଜକୁ ବିଷ୍ଣୁଙ୍କ ଦାସ ବୋଲି ମାନନ୍ତି । ସେମାନଙ୍କ ମଧ୍ୟରୁ **'ଶ୍ରୀବୈଷ୍ଣବ'**ମାନେ, ଯେଉଁମାନେ କି 'ଚକ୍ରାଙ୍କିତ' ହୁଅନ୍ତି, ସେମାନେ ନିଜକୁ ସମସ୍ତଙ୍କଠାରୁ ଶ୍ରେଷ୍ଠ ବୋଲି ମାନନ୍ତି । ବସ୍ତୁତଃ ଯେଉଁମାନେ କି କିଛି ବି ନୁହନ୍ତି ।

**ପ୍ରଶ୍ନ —** କେମିତି କିଛି ନୁହନ୍ତି ? ସବୁ କିଛି ଅଟନ୍ତି । ଦେଖ ! ଆମ ଲଲାଟରେ ନାରାୟଣଙ୍କ ଚରଣାରବିନ୍ଦ ସଦୃଶ ତିଳକ ଓ ମଝିରେ ହଳଦିଆ ରେଖା 'ଶ୍ରୀ' ରହିଥାଏ । ଏଣୁ ଆମେ ନିଜକୁ **'ଶ୍ରୀବୈଷ୍ଣବ'** ବୋଲି କହିଥାଉ । କେବଳ ନାରାୟଣଙ୍କ ବ୍ୟତୀତ ଅନ୍ୟ କାହାକୁ ମାନୁ ନାହୁଁ । ମହାଦେବଙ୍କ ଲିଙ୍ଗକୁ ଦର୍ଶନ ମଧ୍ୟ କରିନଥାଉ । କାରଣ ଆମ ଲଲାଟରେ 'ଶ୍ରୀ' ବିରାଜମାନ । ଲିଙ୍ଗକୁ ଦେଖି ସେ ଲାଜେଇ ଯାଆନ୍ତି । ଆମେ 'ଆଲମନ୍ଦର' ଆଦି ସ୍ତୋତ୍ର ପାଠକରୁ । ନାରାୟଣଙ୍କୁ ମନ୍ତ୍ର ପୂର୍ବକ ପୂଜା କରୁ । ମାଂସ ଖାଉ ନାହୁଁ, ମଦ ପିଉନାହୁଁ । ଫେରେ ଆମେ ଭଲ କାହିଁକି ନୋହୁଁ ?

**ଉତ୍ତର —** ତୁମର ଏଇ ତିଳକକୁ **'ହରିପଦାକୃତି'**, ତହିଁରେ ଥିବା ଏଇ ପୀତବର୍ଣ୍ଣ ରେଖାକୁ **'ଶ୍ରୀ'** ବୋଲି କହିବା ବାତୁଳତା । କାରଣ ଏହା ତ ତୁମ ହାତର କାରିଗରି ଓ ଲଲାଟର ଚିତ୍ର । ହାତୀର ମୁଣ୍ଡକୁ ଯେମିତି ଚିତ୍ର-ବିଚିତ୍ର କରାଯାଇଥାଏ, ସେମିତି ତୁମ ମୁଣ୍ଡ ଚିତ୍ରିତ ହୋଇଛି । ଆଚ୍ଛା ! ତୁମ କପାଳରେ ବିଷ୍ଣୁଙ୍କ ପାଦଚିହ୍ନ କୁଆଡୁ ଆସିଲା ? କ'ଣ କେହି ବୈକୁଣ୍ଠକୁ ଯାଇ ବିଷ୍ଣୁଙ୍କ ପାଦର ଚିହ୍ନ ଲଲାଟରେ ଅଙ୍କନ କରି ଆସିଛି ?

**ବିବେକୀ —** ତା' ଛଡ଼ା 'ଶ୍ରୀ' ଜଡ଼ ନା ଚେତନ ?

**ବୈଷ୍ଣବ —** ଚେତନ ।

**ବିବେକୀ —** ତେବେ ତ ତୁମ କପାଳର ଏ ରେଖା ଜଡ଼ ହୋଇଥିବାରୁ ଏହା **'ଶ୍ରୀ'** ନୁହେଁ । ତା'ଛଡ଼ା ଆମେ ପଚାରୁଛୁ ଯେ **'ଶ୍ରୀ'** ନିର୍ମିତ ନା ଅନିର୍ମିତ ପଦାର୍ଥ ? ଯଦି ବସ୍ତୁତଃ **'ଶ୍ରୀ'** ଅନିର୍ମିତ ପଦାର୍ଥ, ତେବେ ତୁମ କପାଳର ଏ ରେଖା **'ଶ୍ରୀ'** ନୁହେଁ । କାରଣ ଏ ରେଖାକୁ ତ ତୁମେ ପ୍ରତିଦିନ ନିଜ ହାତରେ ତିଆରି କରୁଛ । ଅତଃ ଏ ରେଖା **'ଶ୍ରୀ'** ହୋଇ ନ ପାରେ । ଆଉ ଗୋଟିଏ କଥା ଯେ ଯଦି ତୁମମାନଙ୍କ ଲଲାଟରେ **'ଶ୍ରୀ'** ଅଛି ତେବେ ଅନେକ ବୈଷ୍ଣବଙ୍କ ମୁହଁ ଶ୍ରୀହୀନ ଅର୍ଥାତ୍ ଶୋଭାହୀନ, ଅସୁନ୍ଦର କାହିଁକି ଦେଖାଯାଉଛି ? ଦ୍ୱିତୀୟରେ, ଲଲାଟରେ **'ଶ୍ରୀ'** ଧାରଣ କରିଛ, ଆଉ ଏଣେ ଘର-ଘର ବୁଲି କାହିଁକି ଭିକ ମାଗୁଛ ଓ **'ସଦାବର୍ତ୍ତ'** ଅର୍ଥାତ୍ ଦୁଃଖୀ-ରଙ୍କୀଙ୍କ ପାଇଁ ଦାନ ଅନ୍ନ ନେଇ ପେଟ ଭରୁଛ ? ଏହା ତ ବୁଦ୍ଧିହୀନ ଓ ନିର୍ଲଜଙ୍କ କଥା ହେଲା ଯେ କପାଳରେ **'ଶ୍ରୀ'** ଅଥଚ କାମ ଏଣେ ମହାଦରିଦ୍ରଙ୍କର ଚାଲିଛି ।

ଏମାନଙ୍କ ମଧ୍ୟରେ **'ପରିକାଳ'** ନାମକ ବୈଷ୍ଣବ ଭକ୍ତ ଥିଲା । ସେ ଚୋରି-ଡକାୟତି କରି, ଛଳ-କପଟ କରି, ପରଧନ ହରଣ କରି ଆଣି ତାହା ବୈଷ୍ଣବମାନଙ୍କୁ ଦେଇ ପ୍ରସନ୍ନ ହେଉଥିଲା । ଥରେ ସେ ଚୋରି କରିବାକୁ ଯାଇଥିଲା । ସେଦିନ ଚୋରିରେ କିଛି ଜିନିଷ ମିଳିଲା ନାହିଁ କି ଲୁଣ୍ଠନ କରିବା ପାଇଁ କାହାକୁ ପାଇଲା ନାହିଁ । ତେଣୁ ସେ ଅତି ବ୍ୟାକୁଳ ହୋଇ ବୁଲୁଥିଲା । ନାରାୟଣ ବୁଝିପାରିଲେ ଯେ ମୋର ଭକ୍ତ ଦୁଃଖ ପାଉଛି । ସେ ଜଣେ ଶେଠର ବେଶ ଧାରଣ କରି, ମୁଦି, ହାର ଆଦି ମୂଲ୍ୟବାନ୍ ଅଳଙ୍କାର ପରିଧାନ କରି ରଥରେ ବସି ସେହି ଭକ୍ତ ପାଖକୁ ଆସିଲେ । ତୁରନ୍ତ ପରିକାଳ ରଥ ନିକଟରେ ଯାଇ ପହଞ୍ଚିଲା । ଶେଠଙ୍କୁ କହିଲା — 'ସବୁ ଅଳଙ୍କାର ବାହାର କରି ଶୀଘ୍ର ଦେଇଦିଅ, ନଚେତ୍ ଜୀବନରେ ମାରିଦେବି ।' ନାରାୟଣ ଅଳଙ୍କାର ସବୁ ଓହ୍ଲାଉ-ଓହ୍ଲାଉ ମୁଦି ଓହ୍ଲାଇବାରେ ଡେରି ହୋଇଗଲା । ପରିକାଳ ନାରାୟଣଙ୍କ ଆଙ୍ଗୁଠି କାଟି ମୁଦି ନେଇଗଲା । ନାରାୟଣ ଅତ୍ୟନ୍ତ ପ୍ରସନ୍ନ ହୋଇ

ଚତୁର୍ଭୁଜ ସ୍ୱରୂପ ଧାରଣ କରି ତାକୁ ଦର୍ଶନ ଦେଲେ । କହିଲେ — 'ତୁ ମୋର ବଡ଼ ପ୍ରିୟ ଭକ୍ତ; କାରଣ ଲୁଟ୍‌ପାଟ୍, ମାରକାଟ, ଚୋରି-ଡକାଏତି କରି ସବୁ ସମ୍ପତ୍ତି ଆଣି ତୁ ବୈଷ୍ଣବଙ୍କ ସେବା କରୁଛୁ । ଏଣୁ ତୁ ଧନ୍ୟ ।' ତା'ପରେ ପରିକାଳ ଯାଇ ଶେଠ ରୂପୀ ନାରାୟଣଙ୍କଠୁ ଲୁଣ୍ଠନ କରିଥିବା ସବୁ ଗହଣା-ଗାଣ୍ଠି ବୈଷ୍ଣବମାନଙ୍କୁ ଦେଇଦେଲା ।

ଥରେ ଜଣେ ଧନୀ ବ୍ୟବସାୟୀ ବ୍ୟବସାୟ କରିବା ପାଇଁ ଜାହାଜରେ ବିଦେଶ ଗଲା । ପରିକାଳକୁ ନୌକର ରୂପେ ସାଙ୍ଗରେ ନେଇଗଲା । ସେଠାରୁ ଜାହାଜରେ ଗୁଆ ଭରିଲା । ପରିକାଳ ସେଥିରୁ ଗୋଟିଏ ଗୁଆ ନେଇ ତାକୁ ଦୁଇଫାଳ କଲା ଓ ଗୋଟିଏ ଫାଳ ଜାହାଜରେ ରଖିଦେଇ କହିଲା — 'ମୋର ଏହି ଅଧା ଗୁଆ ଜାହାଜରେ ରହିଲା । କାଳେ ଭୁଲିଯିବ, ତେଣୁ ଲେଖିଦିଅ ଯେ ଜାହାଜରେ ପରିକାଳର ଅଧା ଗୁଆ ଅଛି ।' ବ୍ୟବସାୟୀ କହିଲା — 'ଏଇଟା ଗୋଟିଏ ଲେଖିବି କ'ଣ ? ତୁମର ଇଚ୍ଛା ହେଲେ ହଜାରେ ଗୁଆ ନେଇଯିବ ।' ପରିକାଳ କହିଲା — 'ନା, ନା । ମୁଁ ଅଧର୍ମୀ ନୁହେଁ ଯେ ମିଛରେ ଅଧିକା ନେଇଯିବି । ମୋର ତ ବାସ୍ ମୋ ଅଧା ଗୁଆ ଦରକାର ।' ବ୍ୟବସାୟୀ ଜଣକ ସରଳ ଲୋକ ଥିଲା । ପରିକାଳ କହିବା ମୁତାବକ ଲେଖିଦେଲା । ଯଥା ସମୟରେ ନିଜ ଦେଶର ବନ୍ଦରରେ ଜାହାଜ ପହଞ୍ଚିଲା । ଜାହାଜରୁ ଗୁଆ ଓହ୍ଲାଇବାର ପ୍ରସ୍ତୁତି ହେଲା । ସେତେବେଳେ ପରିକାଳ ବ୍ୟବସାୟୀଙ୍କୁ କହିଲା — 'ମୋର ଅଧା ଗୁଆ ଦେଇଦିଅ ।' ବ୍ୟବସାୟୀ ତାକୁ ଫାଳେ ଗୁଆ ଦେଲା । ସେତେବେଳେ ପରିକାଳ ଝଗଡ଼ା କରିବାକୁ ଲାଗିଲା — 'ଜାହାଜରେ ଥିବା ଗୁଆର ଅଧା ମୋର । ତେଣୁ ପୁରା ଗୁଆ ଅଧା-ଅଧା ଦୁହେଁ ବାଣ୍ଟି ନେବା ।' କଥା ରାଜ ଦରବାର ପର୍ଯ୍ୟନ୍ତ ଗଲା । ପରିକାଳ ବ୍ୟବସାୟୀର ଲେଖା ଦେଖାଇଲା ଯେ ଏ ଜାହାଜର ଅଧା ଗୁଆ ମୋର ଥିବା କଥା ଲେଖା ହୋଇଛି । ବ୍ୟବସାୟୀ ବହୁତ ଅନୁନୟ-ବିନୟ କଲା, ବହୁ ପ୍ରକାରେ ବୁଝାଇବାକୁ ଚେଷ୍ଟା କଲା । କିନ୍ତୁ କେହି ତା' କଥା ଶୁଣିଲେ ନାହିଁ । ଜାହାଜର ଅଧା ଗୁଆ ପରିକାଳକୁ ମିଳିଲା । ସେସବୁ ଗୁଆ ନେଇ ବୈଷ୍ଣବମାନଙ୍କୁ ଅର୍ପଣ କରିଦେଲା । ସେସବୁ ପାଇ ବୈଷ୍ଣବମାନେ ଅତ୍ୟନ୍ତ ପ୍ରସନ୍ନ ହେଲେ । ଆଜି ପର୍ଯ୍ୟନ୍ତ ସେହି ଚୋର-ଖଣ୍ଟ-ଡକାଏତ **ପରିକାଳ**ର ମୂର୍ତ୍ତି ମନ୍ଦିରମାନଙ୍କରେ ରଖୁଛନ୍ତି । ଏହି କଥା **'ଭକ୍ତମାଳ'** ପୁସ୍ତକରେ ଲେଖାଯାଇଛି । ବୁଦ୍ଧିମାନ୍ ଲୋକେ ବିଚାର କରନ୍ତୁ ଯେ ସେ ବୈଷ୍ଣବମାନେ, ସେମାନଙ୍କ ସେବକ ପରିକାଳ ଓ ସ୍ୱୟଂ ନାରାୟଣ ଏ ତିନିହେଁ ଚୋରମଣ୍ଡଳୀ ଅଟନ୍ତି ନା ନାହିଁ ? ଯଦ୍ୟପି ମତମତାନ୍ତର-ଗୁଡ଼ିକରେ କେହି-କେହି ଟିକିଏ ଭଲ ବି ଥାଅନ୍ତି, ତଥାପି ସେହି ମତରେ ରହି ସର୍ବଥା ଭଲ ହୋଇ କେହି ରହିପାରିବ ନାହିଁ ।

ବର୍ତ୍ତମାନ ବୈଷ୍ଣବମାନଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରଭେଦ, ଭିନ୍ନ-ଭିନ୍ନ ତିଳକ-କଣ୍ଠି ଧାରଣ ବିଷୟ ଦେଖାଯାଉ । **'ରାମାନନ୍ଦୀ'**ମାନେ ଦୁଇପଟେ ଗୋପୀଚନ୍ଦନ ଓ ତା' ମଝିରେ ଲାଲ ରେଖା; **'ନୀମାବତ'**ମାନେ ଦୁଇପଟେ ଦୁଇଟି ପତଳା ରେଖା ମଝିରେ କଳା ବିନ୍ଦୁ; **ମାଧ୍ୱ**ମାନେ କଳାରେଖା, **'ଗୌଡ଼ ବଙ୍ଗାଳୀ'**ମାନେ କଟାରି ପରି ଏବଂ **'ରାମପ୍ରସାଦି'**ମାନେ ଦୁଇପାଖରେ ଅର୍ଦ୍ଧଚନ୍ଦ୍ର ରେଖା ମଧ୍ୟରେ ଗୋଟିଏ ଧଳା ବିନ୍ଦୁ ତିଳକ ଧାରଣ କରନ୍ତି ଇତ୍ୟାଦି । ଏସବୁ ପ୍ରକାର ତିଳକ ବିଷୟରେ ଏମାନଙ୍କ କଥନ ମଧ୍ୟ ଭିନ୍ନ-ଭିନ୍ନ । **'ରାମାନନ୍ଦୀ'**ମାନେ ଲାଲ ରେଖାକୁ ଲକ୍ଷ୍ମୀଙ୍କ ଚିହ୍ନ ତଥା ନାରାୟଣଙ୍କ ହୃଦୟରେ ଲକ୍ଷ୍ମୀ ବିରାଜମାନ ଏବଂ ଶ୍ରୀକୃଷ୍ଣଙ୍କ ହୃଦୟରେ ରାଧା ବିରଜମାନ ଅଛନ୍ତି ଇତ୍ୟାଦି କଥାମାନ କହିଥାନ୍ତି ।

'ଭକ୍ତମାଳ'ରେ ଗୋଟିଏ କଥା ଲେଖାଯାଇଛି । କୌଣସି ଜଣେ ଲୋକ ଗଛମୂଳରେ ଶୋଇଥିଲା । ଶୋଇଥିବା ଅବସ୍ଥାରେ ମରିଗଲା । ଗଛ ଉପରେ ବସିଥିବା କୁଆଟିଏ ତା' ଉପରେ ମଳତ୍ୟାଗ କରିଦେଲା । ସେହି ମଳ ତା'

ଲଲାଟରେ ପଡ଼ି ତିଳକାକାର ହୋଇଗଲା । ତାକୁ ନେବା ପାଇଁ ଯମଦୂତମାନେ ଆସିଲେ । ଇତିମଧ୍ୟରେ ବିଷ୍ଣୁଦୂତମାନେ ମଧ୍ୟ ଆସି ପହଞ୍ଚିଲେ । ଉଭୟ କଳହ କରିବାକୁ ଲାଗିଲେ । ଯମଦୂତମାନେ କହିଲେ — 'ଆମର ପ୍ରଭୁଙ୍କର ଆଦେଶ, ଆମେ ଏହାକୁ ଯମଲୋକକୁ ନେବୁ ।' ବିଷ୍ଣୁଦୂତମାନେ କହିଲେ — 'ଆମର ପ୍ରଭୁ ଏହାକୁ ବୈକୁଣ୍ଠକୁ ନେବା ପାଇଁ ଆଦେଶ ଦେଇଛନ୍ତି । କାରଣ, ଦେଖ ! ଏହାର ଲଲାଟରେ ବୈଷ୍ଣବୀ ତିଳକ ଅଛି । ତୁମେ କେମିତି ଯମପୁରକୁ ନେବ ?' ଏହା ଶୁଣି ଯମଦୂତମାନେ ଚୁପ୍ ହୋଇ ଫେରିଗଲେ । ବିଷ୍ଣୁଦୂତମାନେ ଆନନ୍ଦରେ ତାକୁ ବୈକୁଣ୍ଠକୁ ନେଇଗଲେ । ନାରାୟଣ ତାକୁ ବୈକୁଣ୍ଠରେ ରଖିଲେ ।

ଦେଖ ! ଅକସ୍ମାତ୍ ମସ୍ତକରେ ତିଳକ ହୋଇଯିବାରୁ ଯଦି ତା'ର ଏତେ ମାହାତ୍ମ୍ୟ ଅଛି, ତେବେ ଯେଉଁମାନେ ଶ୍ରଦ୍ଧାପୂର୍ବକ ନିଜ ହାତରେ ତିଳକ କରନ୍ତି ସେମାନେ ନରକରୁ ମୁକ୍ତି ପାଇ ବୈକୁଣ୍ଠକୁ ଯିବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ଆମେ ଏଠାରେ ପ୍ରଶ୍ନ କରୁଛୁ ଯେ ଯଦି ଛୋଟ ତିଳକଟିଏ କରିବା ଦ୍ୱାରା ମଣିଷ ବୈକୁଣ୍ଠକୁ ଯାଏ, ତେବେ ମୁହଁ ସାରା ତିଳକ ବୋଳିବା ଦ୍ୱାରା ବା ପୂରା ମୁହଁ କଳା କରିବା ଦ୍ୱାରା କିମ୍ୱା ପୂରା ଶରୀରରେ ତିଳକ ଲେପିବା ଦ୍ୱାରା ବୈକୁଣ୍ଠରୁ ଆହୁରି ଆଗକୁ ଯାଉଥିବ ନା ନାହିଁ ? ଅତଏବ ଏସବୁ କଥା ନିରର୍ଥକ ।

ଏମାନଙ୍କ ମଧ୍ୟରେ ବହୁତ **'ଖାଖୀ'** ଅଛନ୍ତି ଯେଉଁମାନେ କି ବଲ୍‌କଲର କୌପୀନ ମାରି ଧୂନୀ ସେକନ୍ତି, ଜଟା ବଢ଼ାନ୍ତି, ସିଦ୍ଧ ବେଶ ଧାରଣ କରିଥାନ୍ତି । ବଗ ଭଳି ଧ୍ୟାନାବସ୍ଥିତ ହୋଇ ରହିଥାନ୍ତି । ଗଞ୍ଜେଇ, ଭାଙ୍ଗ, ଚରସର ଦମ୍ ମାରନ୍ତି; ଆଖିକୁ ଲାଲ୍-ଲାଲ୍ କରି ରଖିଥାନ୍ତି । ସମସ୍ତଙ୍କୁ ଚୁଟ୍‌କି-ଚୁଟ୍‌କି ଅନ୍ନ, ଅଟା, କଉଡ଼ି, ପଇସା ମାଗନ୍ତି; ଗୃହସ୍ଥମାନଙ୍କ ପିଲାଙ୍କୁ ଫୁସୁଲାଫୁସୁଲି କରି ନେଇ ଚେଲା କରିଦିଅନ୍ତି । ମୁଖ୍ୟତଃ ମଜୁରିଆ ଶ୍ରେଣୀର ଲୋକେ ଏହି ସମ୍ପ୍ରଦାୟରେ ଥାଆନ୍ତି । କେହି ପାଠ ପଢ଼ିଲେ ତାକୁ ପଢ଼ିବାକୁ ଦିଅନ୍ତି ନାହିଁ । କହନ୍ତି —

**ପଠିତବ୍ୟଂ ତଦପି ମର୍ତ୍ତବ୍ୟଂ ଦନ୍ତକଟାକଟେତି କିଂ କର୍ତ୍ତବ୍ୟମ୍ ?**

ସନ୍ଥଙ୍କର ବିଦ୍ୟା ପଢ଼ିବା କ'ଣ ଆବଶ୍ୟକ ? କାରଣ ପାଠ ପଢ଼ିବା ଲୋକେ ବି ମରିଯାଆନ୍ତି । ଫେରେ ଦାନ୍ତ କଟକଟ କରିବା (ପାଠପଢ଼ିବା) କ'ଣ ଦରକାର ? ସାଧୁମାନଙ୍କ କାମ ହେଲା **'ଚାରିଧାମ'** ତୀର୍ଥ କରିବା, ସନ୍ଥମାନଙ୍କ ସେବା କରିବା ଓ ରାମନାମ ଭଜନ କରିବା । ତେଣୁ ଏତିକି କାମ କରିବା ଉଚିତ ।

ଯଦି କେହି ମୂର୍ଖତା, ଅବିଦ୍ୟାର ମୂର୍ତ୍ତି ଦେଖିନାହିଁ ତେବେ **'ଖାଖୀ'** ସାଧୁଙ୍କ ଦର୍ଶନ କରିନେବା ଉଚିତ । ସେମାନଙ୍କ ପାଖକୁ ଯିଏ ବି ଯାଏ ତାକୁ ଛୁଆ ବୋଲି ଡାକନ୍ତି, ସେ ପଛକେ ଖାଖୀଙ୍କର ବାପା-ମାଆଙ୍କ ଭଳି ବୟସର ହୋଇଥାଉନା କାହିଁକି । ଖାଖୀ ଯେପରି ଅଟନ୍ତି, ସେହିପରି **ରୂଖଁଡ, ସୁଖଁଡ଼, ଗୋଦଡ଼ିଆ, ଜମାତବାଲା, ସୁତରେସାଇ** ଏବଂ **ଅକାଲୀ, କାନଫୋଡ଼ା, ଯୋଗୀ, ଅଘୋର** ଆଦି ଅଟନ୍ତି । ଏମାନେ ସମସ୍ତେ ଏକାଭଳି ।

ଜଣେ ଖାଖୀର ଚେଲା **'ଶ୍ରୀଗଣେଶାୟ ନମଃ'**କୁ ଘୋଷି-ଘୋଷି ପାଣି ଆଣିବା ପାଇଁ କୂଅକୁ ଗଲା । ସେଠାରେ ଜଣେ ପଣ୍ଡିତ ବସିଥିଲେ । ସେ ଚେଲା ବାସ୍ତବରେ **'ସ୍ୱୀଗନେସାଜନ୍ନମେଂ'** ଉଚ୍ଚାରଣ କରୁଥିଲା । ଏପରି ଉଚ୍ଚାରଣ କରୁଥିବା ଶୁଣି ପଣ୍ଡିତ କହିଲେ — "ହେ ସାଧୁ ! ତୁମେ ଅଶୁଦ୍ଧ ଉଚ୍ଚାରଣ କରୁଛ । **'ଶ୍ରୀଗଣେଶାୟ ନମଃ'** ଏପରି ଶୁଦ୍ଧ ରୂପେ ଘୋଷ ।" ସେ ଚେଲା ତୁରନ୍ତ ଡାଳ ଭରି ଗୁରୁଙ୍କ ପାଖକୁ ଯାଇ କହିଲା — 'ଏ ବମ୍ଭନ ମୋ ଘୋଷାକୁ ଅଶୁଦ୍ଧ ବୋଲି କହୁଚି ।' ଏ କଥା ଶୁଣି ଖାଖୀଜୀ ତୁରନ୍ତ ଉଠି କୂଅ ପାଖକୁ ଦଉଡ଼ିଲେ, ପଣ୍ଡିତଙ୍କୁ କହିଲେ

— 'ତୁ ମୋର ଚେଲାକୁ ଉସୁକାଉଛୁ ? ତୁ ମୂର୍ଖ କେତେ ପାଠ ପଢ଼ିଛୁ ? ଗୁରୁ ଜ୍ଞାନ ବିଷୟରେ କଣ ଜାଣିଛୁ ? ତୁ ସିନା ଗୋଟିଏ ପ୍ରକାର ପାଠ ଜାଣିଛୁ, ଦେଖ୍ ମୁଁ ତିନି ପ୍ରକାର ପାଠ ଜାଣିଛି — **'ସ୍ୱୀଗନେସାଜନ୍ନମେଂ', 'ସ୍ୱୀଗନେସାୟନ୍ନମେଂ, 'ଶ୍ରୀଗନେଶାୟ ନମେଂ ।'**

**ପଣ୍ଡିତ —** ଶୁଣନ୍ତୁ ସାଧୁ ମହାରାଜ ! ବିଦ୍ୟା ବହୁତ କଠିନ କଥା, ନ ପଢ଼ିଲେ ଆସେ ନାହିଁ ।

**ଖାଖୀ —** ଯାଆ ବେ ! ସବୁ ବିଦ୍ୱାନଙ୍କୁ ଆମେ ରଗଡ଼ି ଦେଇଛୁ, ଯାହାକୁ କି ଭାଙ୍ଗରେ ମିଶାଇ ଏକ ଦମ୍ ସବୁ ପିଇ ଦେଇଛୁ । ସନ୍ଥଙ୍କ ମହିମା ବହୁତ ବଡ଼ । ତୁ ବାପୁଡ଼ା କ'ଣ ଜାଣିବୁ ?

**ପଣ୍ଡିତ —** ଦେଖ ! ପ୍ରକୃତରେ ଯଦି ତୁମେ ବିଦ୍ୟା ପଢ଼ିଥାନ୍ତ, ତେବେ ଏପରି ଅପଶବ୍ଦ କେବେ କହିନଥାନ୍ତ । ତୁମକୁ ସବୁ ପ୍ରକାର ଜ୍ଞାନ ଥାଆନ୍ତା ।

**ଖାଖୀ —** ଆବେ ! ତୁ ଆମର ଗୁରୁ ହେଉଛୁ ? ତୋର ଉପଦେଶ ଆମର ଶୁଣିବାର ନାହିଁ ।

**ପଣ୍ଡିତ —** ଶୁଣିବ କେମିତି ? ବୁଦ୍ଧି ହିଁ ନାହିଁ । ଉପଦେଶ ଶୁଣିବା-ବୁଝିବା ପାଇଁ ବିଦ୍ୟା ଦରକାର ।

**ଖାଖୀ —** ଯିଏ ସବୁ ବେଦ-ଶାସ୍ତ୍ର ପଢ଼ିଛି, କିନ୍ତୁ ସନ୍ଥଙ୍କୁ ଜାଣେନି କି ମାନେନି, ବୁଝିବାକୁ ହେବ ଯେ ସେ କିଛି ବି ପଢ଼ିନି ।

**ପଣ୍ଡିତ —** ହଁ, ହଁ, ଆମେ ବି ସନ୍ଥଙ୍କୁ ଜାଣିଛୁ, ସନ୍ଥଙ୍କ ସେବା କରୁଛୁ; କିନ୍ତୁ ତୁମ ପରି ହୁଣ୍ଡାମାନଙ୍କ ସେବା କରୁନୁ । **କାରଣ ସଜ୍ଜନ, ବିଦ୍ୱାନ୍, ଧାର୍ମିକ, ପରୋପକାରୀ ବ୍ୟକ୍ତିକୁ ହିଁ ସନ୍ଥ କହନ୍ତି ।**

**ଖଖୀ —** ଦେଖ ! ଆମେ ଦିନ-ରାତି ଉଲଗ୍ନ ରହୁଛୁ, ଧୂନୀ ଜାଳୁଛୁ, ଗଞ୍ଜେଇ-ଚରସର ଶହଶହ ଦମ୍ ମାରୁଛୁ, ତିନି-ତିନି ଢାଳ ଭାଙ୍ଗ ପିଉଛୁ, ଗଞ୍ଜେଇ-ଭାଙ୍ଗ-ଧାତୁରା ପତ୍ରକୁ ଶାଗ କରି ଖାଉଛୁ, ଶଙ୍ଖିଆ ଓ ଅଫିମ ବି ଚଟ୍ କରି ଗିଳି ଦେଉଛୁ, ନିଶାରେ ମସ୍ତ ହୋଇ ରାତି-ଦିନ ଅଚିନ୍ତାରେ ରହୁଛୁ, ଦୁନିଆ ବୁଡୁ କି ଭାସୁ ଆମେ କିଛି ଚିନ୍ତା କରୁନୁ, ଭିକ ମାଗି ଖାଉଛୁ, ରାତିସାରା ଏପରି କାଶ ଉଠୁଛି ଯେ ଯିଏ ପାଖରେ ଶୋଇବ ତାକୁ ବି କେବେ ନିଦ ଆସିବ ନାହିଁ ଇତ୍ୟାଦି ସିଦ୍ଧି ଓ ସାଧୁତ୍ୱ ଆମ ପାଖରେ ଅଛି । ଫେରେ ତୁ ଆମର ନିନ୍ଦା କାହିଁକି କରୁଛୁ ? ସାବଧାନ ! ଯଦି ଆମକୁ ବିରକ୍ତ କରିବୁ, ଆମେ ତୋତେ ଭସ୍ମ କରିଦେବୁ ।

**ପଣ୍ଡିତ — ଏସବୁ ଲକ୍ଷଣ ଅସାଧୁ, ମୂର୍ଖ ଓ ଗୋବରଗଣେଶମାନଙ୍କର, ସାଧୁମାନଙ୍କର ନୁହେଁ । ଶୁଣ ! 'ସାଧ୍ନୋତି ପରାଣି ଧର୍ମକାର୍ଯାଣି ସ ସାଧୁଃ' — ଯିଏ ଧର୍ମଯୁକ୍ତ ଉତ୍ତମ କାମ କରେ, ସର୍ବଦା ପରୋପକାରରେ ପ୍ରବୃତ୍ତ ହୋଇଥାଏ, ଯା' ଭିତରେ କୌଣସି ଦୁର୍ଗୁଣ ନଥାଏ, ବିଦ୍ୱାନ୍ ହୋଇଥାଏ, ସତ୍ୟୋପଦେଶ ଦ୍ୱାରା ସମସ୍ତଙ୍କର ଉପକାର କରେ ତାକୁ ହିଁ 'ସାଧୁ' କହନ୍ତି ।**

**ଖାଖୀ —** ଯା' ବେ ! ସାଧୁଙ୍କ କର୍ମ ତୁ କ'ଣ ଜାଣିବୁ ? ସନ୍ଥଙ୍କ ମହିମା ବିରାଟ । କୌଣସି ସନ୍ଥଙ୍କ ସହ ଲାଗିବୁ ନାହିଁ । ନଚେତ୍ ଦେଖ ! ଏ ଚିମୁଟା ଉଠେଇ ମାରିବି ଗୋଟିଏ ପାହାର, ତୋ ମୁଣ୍ଡ ଛତୁ କରିଦେବି ।

**ପଣ୍ଡିତ —** ଆଚ୍ଛା ଖାଖୀ ! ଯାଅ ତୁମ ଆସନକୁ, ଆମ ଉପରେ ଆଉ ବେଶି ରାଗନି । ଜାଣିଛ ତ ରାଜ୍ୟର ବ୍ୟବସ୍ଥା ? କାହାକୁ ମାରିବ ତ ବନ୍ଧା ହେବ, ଜେଲ୍ ଯିବ, ମାଡ଼ ଖାଇବ । ଅଥବା ଆଉ କେହି ତୁମକୁ ବି ମାରି ପକେଇବ, କ'ଣ କରିବ ? ଏସବୁ ସାଧୁର ଲକ୍ଷଣ ନୁହେଁ ।

**ଖାଖୀ —** (ତା'ର ଚେଲାକୁ କହିଲା) ଚାଲ୍ ବେ ଚେଲା ! ଆଜି କୋଉ ରାକ୍ଷସର ମୁହଁ ଦେଖାଇଲୁ ।

**ପଣ୍ଡିତ —** ତୁମେ କେବେ କୌଣସି ମହାତ୍ମାଙ୍କ ସଙ୍ଗ ଲାଭ କରି ନାହଁ । ନଚେତ୍ ଏପରି ଗଜମୂର୍ଖ ହୋଇ ରହି ନଥାନ୍ତ ।

**ଖାଖୀ —** ଆମେ ନିଜେ ହିଁ ମହାତ୍ମା । ଆମକୁ ଅନ୍ୟ କାହାର ଆବଶ୍ୟକତା ନାହିଁ ।

**ପଣ୍ଡିତ —** ଯାହାର ଭାଗ୍ୟରେ ବିନାଶ ଥାଏ, ତାହାର ତୁମ ଭଳି ବୁଦ୍ଧି ଓ ଅଭିମାନ ହୋଇଥାଏ ।

ଖାଖୀ ନିଜ ଆସନକୁ ଓ ପଣ୍ଡିତ ନିଜ ଘରକୁ ଚାଲିଗଲେ । ସନ୍ଧ୍ୟା ଆଳତୀ ହୋଇଯିବା ପରେ ସେହି ଖାଖୀକୁ ବୟୋବୃଦ୍ଧ ବିଚାରି ଅନ୍ୟ ବହୁତ ଖାଖୀ **'ଡଣ୍ଡୋତ-ଡଣ୍ଡୋତ'** କହି ସାଷ୍ଟାଙ୍ଗ ପ୍ରଣିପାତ କରି ବସିଲେ । ସେ ଖାଖୀ ପଚାରିଲା — 'ଆବେ ରାମଦାସିଆ ! ତୁ କ'ଣ ପଢ଼ିଛୁ ?'

**ରାମଦାସ —** ମହାରାଜ ! ମୁଁ **'ବେସ୍ନୁସହସରନାମ'** ପଢ଼ିଛି ?

**ଖାଖୀ —** ଆରେ ଗୋବିନ୍ଦଦାସିଆ ! ତୁ କ'ଣ ପଢ଼ିଛୁ ?

**ଗୋବିନ୍ଦଦାସ —** ମୁଁ **'ରାମସତବରାଜ'** ପଢ଼ିଛି, ଅମୁକ ଖାଖୀଙ୍କଠାରୁ ।

ସେତେବେଳେ ରାମଦାସ ପଚାରିଲା — ମହାରାଜ ! ଆପଣ କ'ଣ ପଢ଼ିଛନ୍ତି ?

**ଖାଖୀ —** ମୁଁ ଗୀତା ପଢ଼ିଛି ।

**ରାମଦାସ —** କାହା ପାଖରୁ ?

**ଖାଖୀ —** ଯା' ବେ ଛୁଆ ! ଆମେ କାହାକୁ ଗୁରୁ କରିନୁ । ଶୁଣ ! ଆମେ **'ପରାଗରାଜ'** ରେ ରହୁଥିଲୁ । ଆମକୁ ଅକ୍‌ଖର ଆସୁ ନ ଥିଲା । ଯେତେବେଳେ କୌଣସି ଲମ୍ବା ଧୋତି ପିନ୍ଧା ପଣ୍ଡିତକୁ ଦେଖୁଥିଲୁ ସେତେବେଳେ ଗୀତାର ବହିରୁ ପଚାରୁଥିଲୁ ଯେ ଏ ଅକ୍‌ଖରଟା କ'ଣ ? ଏମିତି ପଚାରି-ପଚାରି ଅଠର ଅଧ୍ୟାୟ ଗୀତା ରଗଡ଼େଇଦେଲୁ । ଗୁରୁ ଜଣକୁ ବି କରିନାହୁଁ ।

ଭଲା ! ଏପରି ବିଦ୍ୟାର ଶତ୍ରୁଙ୍କ ଭିତରେ ଅବିଦ୍ୟା ଘର କରି ରହିବ ନାହିଁ ତ ଆଉ କୁଆଡ଼େ ଯିବ ? ଏମାନେ ନିଶା, ପ୍ରମାଦ, ଝଗଡ଼ା-ଝାଟି, ଖାଇବା, ଶୋଇବା, ଝାଂଜ ପିଟିବା, ଘଣ୍ଟ-ଘଣ୍ଟା-ଶଙ୍ଖ ବଜାଇବା, ଧୂନୀ ଜାଳିବା, ପାଉଁଶ ବୋଳିବା, ଗାଧୋଇବା, ଧୋଇବା, ବ୍ୟର୍ଥରେ ସବୁଆଡ଼େ ବୁଲିବା, କାମ କରିବା ବ୍ୟତୀତ ଅନ୍ୟକୌଣସି ଭଲ କାମ କରନ୍ତି ନାହିଁ । କେହି ବ୍ୟକ୍ତି ପଥରକୁ ମଧ୍ୟ ତରଳାଇ ଦେଇପାରେ; କିନ୍ତୁ ଏ ଖାଖୀମାନଙ୍କ ଆତ୍ମାକୁ ସତ୍ୟର ବୋଧ କରାଇବା କାଠିକର ପାଠ । କାରଣ ବହୁଧା ଶୂଦ୍ରବର୍ଣ୍ଣ, ମଜୁରିଆ, ଚାଷୀ, ପାଣିବାଲା ପ୍ରଭୃତି ନିଜର କାମଧନ୍ଦା ଛାଡ଼ି ପାଉଁଶ ବୋଳି ହୋଇ ବୈରାଗୀ, ଖାଖୀ ଆଦି ହୋଇଯାନ୍ତି । ସେମାନଙ୍କୁ ବିଦ୍ୟା କି ସତ୍‌ସଙ୍ଗ ଆଦିର ମାହାତ୍ମ୍ୟ ଜଣା ପଡ଼ିପାରେ ନାହିଁ ।

ଏମାନଙ୍କ ମଧ୍ୟରୁ ନାଥମାନଙ୍କର ମନ୍ତ୍ର — **'ନମଃ ଶିବାୟ'**(ଲିଙ୍ଗପୁରାଣ. ୧:୮୫) । ଖାଖୀଙ୍କ ମନ୍ତ୍ର — **'ନୃସିଂହାୟ ନମଃ'** । ରାମାବତଙ୍କ ମନ୍ତ୍ର — **'ଶ୍ରୀରାମଚନ୍ଦ୍ରାୟ ନମଃ'** ଅଥବା **'ସୀତାରାମାଭ୍ୟାଂ ନମଃ'** । କୃଷ୍ଣ ଉପାସକଙ୍କ ମନ୍ତ୍ର — **'ଶ୍ରୀରାଧାକୃଷ୍ଣାଭ୍ୟାଂ ନମଃ', 'ନମୋ ଭଗବତେ ବାସୁଦେବାୟ'** ଏବଂ ବଙ୍ଗାଳୀମାନଙ୍କ ମନ୍ତ୍ର **'ଗୋବିନ୍ଦାୟ ନମଃ'** । ଏସବୁ ମନ୍ତ୍ରକୁ କାହାରି କାନରେ ପଢ଼ିବା ମାତ୍ରେ ତାକୁ ନିଜର ଶିଷ୍ୟ କରିନିଅନ୍ତି । ପୁଣି ଏପରି ଶିକ୍ଷା ସବୁ ଦେଇଥାନ୍ତି — ବାବୁ ! ତୁମ୍ଭାର ମନ୍ତ୍ରକୁ ପଢ଼ —

**ଜଲ୍ ପବିତର୍ ସଥଲ୍ ପବିତର୍ ଔର୍ ପବିତର୍ କୁଆ ।**

**ଶିବ କହେ ସୁନ୍ ପାର୍ବତୀ ତୁମ୍ଭା ପବିତର୍ ହୁଆ ।।**

(ଉହ୍ୟ - ରାମସ୍ନେହଧର୍ମପ୍ରକାଶ ୩୯୦, ତୁମ୍ଭାମନ୍ତ୍ର, ରାମପଟଳ. ପୃ.୩)

ଆଚ୍ଛା ! ଏହା କ'ଣ ସାଧୁ ବା ବିଦ୍ୱାନ୍ ହେବାର ଯୋଗ୍ୟତା ନା ଏମିତି ଯୋଗ୍ୟତା ଥିବା ବ୍ୟକ୍ତି ଦ୍ୱାରା ଜଗତର ଉପକାର କେବେ ହୋଇପାରିବ ? ଖାଖୀମାନେ ରାତି-ଦିନ କାଠ, ଘଷି ଜଳାଇଥାନ୍ତି । ଗୋଟିଏ ମାସରେ ବହୁ ଟଙ୍କାର କାଠ ପୋଡ଼ିଦିଅନ୍ତି । ଯଦି ଗୋଟିଏ ମାସର କାଠର ମୂଲ୍ୟରେ କମ୍ବଳ ଆଦି ଶୀତବସ୍ତ୍ର କିଣିଦିଅନ୍ତେ, ତେବେ କାଠରେ ଖର୍ଚ୍ଚ ହେଉଥିବା ଅର୍ଥର ଶହେଭାଗରୁ ଭାଗେ ଅର୍ଥରେ ବଡ଼ ଆନନ୍ଦରେ ରହନ୍ତେ । ସେମାନଙ୍କୁ ଏତିକି ବୁଦ୍ଧି ବି କୁଆଡୁ ଆସିବ ? ତା'ଛଡ଼ା ଏଇ ଧୂନୀରେ ତପେଇ ହେଉଥିବାରୁ ନିଜକୁ ତପସ୍ୱୀ ବୋଲାଇଥାନ୍ତି । ବସ୍ତୁତଃ ଏପରି କରିବା ଦ୍ୱାରା ଜଣେ ଯଦି ତପସ୍ୱୀ ହୋଇପାରେ ତେବେ ଜଙ୍ଗଲରେ ରହୁଥିବା ଲୋକମାନେ ତ ଏମାନଙ୍କଠୁ ବି ଅଧିକ ତପସ୍ୱୀ ଅଟନ୍ତି । ଜଟା ବଢ଼ାଇବା, ପାଉଁଶ ବୋଳିହେବା, ତିଳକ ଲଗାଇବା ଦ୍ୱାରା ଯଦି ଜଣେ ତପସ୍ୱୀ ହୋଇଯାଏ ତେବେ ତ ସମସ୍ତେ ତପସ୍ୱୀ ହୋଇପାରିବେ । ଏମାନେ ଉପରକୁ ତ ତ୍ୟାଗର ମୂର୍ତ୍ତିମନ୍ତ ସ୍ୱରୂପ; କିନ୍ତୁ ଭିତରେ ମହାସଂଗ୍ରହୀ ଅଟନ୍ତି ।

## କବୀରପନ୍ଥ ସମୀକ୍ଷା

**ପ୍ରଶ୍ନ —** କବୀର ପନ୍ଥୀ ତ ଭଲ ଅଟନ୍ତି ?

**ଉତ୍ତର —** ନା ।

**ପ୍ରଶ୍ନ —** କେମିତି ଭଲ ନୁହନ୍ତି ? ପାଷାଣାଦି ମୂର୍ତ୍ତିପୂଜାର ଖଣ୍ଡନ କରନ୍ତି । ତା'ଛଡ଼ା **କବୀର ସାହେବ** ଫୁଲରୁ ଜନ୍ମ ହେଲେ ଏବଂ ଶେଷରେ ବି ଫୁଲ ହୋଇଗଲେ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଯେତେବେଳେ ଜନ୍ମ ହୋଇନଥିଲା, ସେତେବେଳେ ମଧ୍ୟ କବୀର ସାହେବ ଥିଲେ । ବଡ଼ ସିଦ୍ଧ । ଏମିତିକି ଯେଉଁ କଥା ବେଦ-ପୁରାଣ ବି ଜାଣିପାରନ୍ତି ନାହିଁ, ତାକୁ କବୀର ଜାଣିଥିଲେ । ସତ୍ୟ ରାସ୍ତା ତ କବୀର ହିଁ ଦେଖାଇଛନ୍ତି । କବୀରପନ୍ଥୀଙ୍କ ମନ୍ତ୍ର **'ସତ୍ୟନାମ କବୀର'** ଆଦି ।

**ଉତ୍ତର —** ପାଷାଣାଦି ମୂର୍ତ୍ତିକୁ ପୂଜା ନ କରିବା, ଅଥଚ ପଲଙ୍କ, ଗଦୀ, ତକିଆ, ପାଦୁକା, ଜ୍ୟୋତି ଅର୍ଥାତ୍ ଦୀପ ଆଦିକୁ ପୂଜା କରିବା ତ ପାଷାଣମୂର୍ତ୍ତି ପୂଜନ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଦ୍ୱିତୀୟ କଥା ହେଲା ଯେ କବୀର ସାହେବ କ'ଣ ଫୁଲପୋକ ଥିଲେ ଯେ ଫୁଲରୁ ଉତ୍ପନ୍ନ ହେଲେ ନା ଫୁଲକଢ଼ ଥିଲେ ଯେ, ପୁଣି ଶେଷରେ ଫୁଲ ହୋଇଗଲେ ?

କବୀରଙ୍କ ବିଷୟରେ **ଯେଉଁ କଥା ଶୁଣାଯାଏ,** ତାହା ହୁଏତ ସତ୍ୟ ହୋଇପାରେ । କଶୀରେ ଜଣେ ତନ୍ତୀ ରହୁଥିଲା । ତା'ର ଛୁଆପିଲା ନ ଥିଲେ । ଦିନେ ବଡ଼ି ଭୋର୍‌ରୁ ଗୋଟିଏ ଗଳି ରାସ୍ତାରେ ସିଏ ଯାଉଥିଲା ବେଳେ ଦେଖିଲା ଯେ ରାସ୍ତାକଡ଼ରେ ଗୋଟିଏ ଟୋକେଇରେ ଫୁଲ ଭିତରେ ସଦ୍ୟଜାତ କଅଁଳା ଛୁଆଟିଏ କାନ୍ଦୁଛି । ସେ ଛୁଆଟିକୁ ନେଇ ନିଜ ପତ୍ନୀକୁ ଦେଲା । ତା' ସ୍ତ୍ରୀ ସେ ଛୁଆକୁ ପାଳନ କଲା । ସେ ଛୁଆ ବଡ଼ ହେବା ପରେ ନିଜର କୌଳିକ ଲୁଗାବୁଣା କାମ କଲା । ସଂସ୍କୃତ ପଢ଼ିବା ଇଚ୍ଛାରେ ସେ କୌଣସି ପଣ୍ଡିତଙ୍କ ପାଖକୁ ଗଲା । ସେ ପଣ୍ଡିତ ତାକୁ ଅପମାନିତ କଲା । କହିଲା — 'ଆମେ ତନ୍ତୀକୁ ପଢ଼ାଇବୁ ନାହିଁ ।' ଏହିପରି ଅନେକ ପଣ୍ଡିତଙ୍କ ନିକଟକୁ ଗଲା । କିନ୍ତୁ କେହି ତାକୁ ପଢ଼ାଇଲେ ନାହିଁ । ତା'ପରେ ସେ ଯାହା ଜାଣିଥିଲେ ଓ ବିଚାର ଦ୍ୱାରା ଯାହା ମନକୁ ଜୁଟିଲା ତାକୁ ଏକ ଖେଚୁଡ଼ି(ମିଶାମିଶି) ଭାଷାରେ ତନ୍ତୀ ଆଦି ସାଧାରଣ ବର୍ଗର ଲୋକଙ୍କୁ ବୁଝାଇବାରେ ଲାଗିଲେ । ଭଜନ ତିଆରି

କରୁଥିଲେ, ତାନପୁରା ବଜାଇ ଗାଉଥିଲେ । ବିଶେଷତଃ ପଣ୍ଡିତ, ଶାସ୍ତ୍ର, ବେଦର ନିନ୍ଦା କରୁଥିଲେ । କିଛି ମୂର୍ଖ ଲୋକେ ତାଙ୍କ ଜାଲରେ ପଡ଼ିଗଲେ । ସେ ମରିଗଲା ପରେ ତାଙ୍କ ଚେଲାମାନେ ତାଙ୍କୁ ସିଦ୍ଧ ବୋଲି ପ୍ରଚାର କଲେ ।

ଜୀବିତାବସ୍ଥାରେ ସେ ଯାହା-ଯାହା ଲେଖିଥିଲେ, ସେସବୁକୁ ତାଙ୍କ ଚେଲାମାନେ ପଢ଼ି ଚାଲିଲେ । କାନ ବନ୍ଦ କଲେ ଯେଉଁ ଶବ୍ଦ ଶୁଣାଯାଏ ତାହାକୁ **'ଅନାହତ'** ନାଦ ବୋଲି ସିଦ୍ଧାନ୍ତ କଲେ । ଏମାନେ ମନର ବୃତ୍ତିକୁ **'ସୁରତି'** କହନ୍ତି । ସେହି ସୁରତିକୁ ଅନାହତ ନାଦ ଶ୍ରବଣରେ ଲଗାଇବା ଉଚିତ । ଏହାକୁ ସେମାନେ ସନ୍ଥ ଓ ପରମେଶ୍ୱରଙ୍କ ଧ୍ୟାନ ବୋଲି କହନ୍ତି । ସେଠାରେ କାଳ ପହଞ୍ଚିପାରେ ନାହିଁ । ଏମାନେ ବର୍ଚ୍ଛା ଆକାରର ତିଳକ ଲଗାନ୍ତି ଏବଂ ଚନ୍ଦନାଦି କାଠର କଣ୍ଠି ବାନ୍ଧନ୍ତି । ଭଲା, ବିଚାର କରି ଦେଖନ୍ତୁ ଯେ ଏହାଦ୍ୱାରା ଆତ୍ମାର କ'ଣ ଉନ୍ନତି ହୋଇପାରିବ ଓ ଜ୍ଞାନ କ'ଣ ବଢ଼ିପାରିବ ? ଏହି ମତ ପିଲାଖେଳ ସଦୃଶ ଲୀଳା ମାତ୍ର ।

## ନାନକପନ୍ଥ ସମୀକ୍ଷା

**ପ୍ରଶ୍ନ —** ପଞ୍ଜାବରେ **'ନାନକ'** ଗୋଟିଏ ମାର୍ଗର ଆରମ୍ଭ କଲେ । ଯେହେତୁକି ସିଏ ବି ମୂର୍ତ୍ତିର ଖଣ୍ଡନ କରୁଥିଲେ, ଲୋକଙ୍କୁ ମୁସଲମାନ ହେବାରୁ ରକ୍ଷା କଲେ, ତେଣୁ ସେ କୌଣସି ପାଖଣ୍ଡ ଲୀଳା ଚଳାଇନାହାନ୍ତି । ସେ ସାଧୁ ହୋଇନଥିଲେ, ବରଂ ଗୃହସ୍ଥ ହୋଇ ରହିଲେ । ଦେଖ ! ସେ ଏଇ ମନ୍ତ୍ର ଉପଦେଶ ଦେଇଛନ୍ତି । ଏଥିରୁ ଜଣାଯାଉଛି ଯେ ତାଙ୍କର ଆଶୟ ଭଲ ଥିଲା —

**ଓଂ ସତ୍ୟନାମ କର୍ତ୍ତା ପୁରୁଷ ନିର୍ଭୋ ନିର୍ବୈର ଅକାଲମୂର୍ତ୍ତ ଅଜୋନି ସହଭଂ ଗୁରୁ ପ୍ରସାଦ ଜପ, ଆଦି ସଚ, ଜୁଗାଦି ସଚ, ହୈ ଭୀ ସଚ, ନାନକ ହୋସୀ ଭୀ ସଚ ।** (ଜପଜୀ. ପୌଡ଼ୀ. ୧)

**'ଓ୩ମ୍'** ଯାହାର ସତ୍ୟ ନାମ, ସିଏ କର୍ତ୍ତା, ପୁରୁଷ, ଭୟ ଓ ବୈରରହିତ, ଅକାଲମୂର୍ତ୍ତି ଅର୍ଥାତ୍ ଯିଏ କି କାଳ କବଳିତ ହୁଅନ୍ତି ନାହିଁ, ଯୋନିରେ ଆସନ୍ତି ନାହିଁ, ପ୍ରକାଶମାନ ଅଟନ୍ତି । ଗୁରୁ କୃପାରେ ତାଙ୍କରି ଜପ କର । ସେହି ପରମାତ୍ମା ଆଦିରେ ସତ୍ ଥିଲେ, ଜୁଗର ଆଦିରେ ସତ୍ ଥିଲେ, ବର୍ତ୍ତମାନ ସତ୍ ଅଟନ୍ତି ଓ ଭବିଷ୍ୟତରେ ବି ସତ୍ ରହିବେ ।

**ଉତ୍ତର — ନାନକଙ୍କର ଆଶୟ ତ ଭଲ ଥିଲା,** କିନ୍ତୁ ବିଦ୍ୟା କିଛି ବିଶେଷ ନ ଥିଲା । ହଁ, ସେହି ପ୍ରଦେଶର ଗ୍ରାମୀଣ ଭାଷା ଜାଣିଥିଲେ । ବେଦାଦି ଶାସ୍ତ୍ର ଓ ସଂସ୍କୃତ ଆଦୌ ଜାଣି ନ ଥିଲେ । ଯଦି ଜାଣିଥାଆନ୍ତେ ତେବେ 'ନିର୍ଭୟ' ଶବ୍ଦକୁ 'ନିର୍ଭୋ' ବୋଲି ଲେଖିନଥାନ୍ତେ । ତା'ଛଡ଼ା ତାଙ୍କ ଦ୍ୱାରା ରଚିତ **'ସଂସ୍କୃତୀ ସ୍ତୋତ୍ର'** ବି ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେ ଚାହୁଁଥିଲେ ଯେ ମୁଁ ସଂସ୍କୃତରେ ବି ମୁଣ୍ଡ ପୂରେଇବି; କିନ୍ତୁ ବିନା ପଢ଼ି ସଂସ୍କୃତ ଜ୍ଞାନ କିପରି ଆସିପାରିବ ? ଅବଶ୍ୟ ସେହି ଗାଁ ଲୋକ, ଯେଉଁମାନେ କି ସଂସ୍କୃତ କେବେ ଶୁଣି ବି ନ ଥିଲେ, ସେମାନଙ୍କ ଆଗରେ **'ସଂସ୍କୃତୀ ସ୍ତୋତ୍ର'** ଲେଖି ସଂସ୍କୃତର ବି ପଣ୍ଡିତ ହୋଇଯାଇଥିବେ । ନିଜର ମାନ, ପ୍ରତିଷ୍ଠା, ଯଶ-ଖ୍ୟାତିର ଇଚ୍ଛା ନ ଥିଲେ ଏପରି କାମ କେବେ କରି ନ ଥାନ୍ତେ । ତାଙ୍କର ଆତ୍ମ-ପ୍ରତିଷ୍ଠା ଇଚ୍ଛା ଅବଶ୍ୟ ଥିଲା । ନଚେତ୍ ଯେଉଁ ଭାଷା ଜାଣିଥିଲେ ସେହି ଭାଷାରେ ଉପଦେଶ ଦେଇଥାନ୍ତେ । ଆଉ ଏକଥା ବି କହିଦିଅନ୍ତେ ଯେ ମୁଁ ସଂସ୍କୃତ ପଢ଼ିନି । ଯେହେତୁ କିଛି ଅଭିମାନ ଥିଲା, ତେଣୁ ମାନ-ପ୍ରତିଷ୍ଠା ପାଇଁ କିଛି ଦମ୍ଭ ବି କରିଥିବେ । ଏଣୁ ତାଙ୍କର ଗ୍ରନ୍ଥରେ ସ୍ଥାନେ-ସ୍ଥାନେ ବେଦର ନିନ୍ଦା ଓ ସ୍ତୁତି ମଧ୍ୟ ବିଦ୍ୟମାନ । କାରଣ ଯଦି ଏପରି ନ କରିଥାଆନ୍ତେ ତେବେ ପ୍ରଥମତଃ, ତାଙ୍କୁ ମଧ୍ୟ କେହି ବେଦର ଅର୍ଥ ପଚାରିଥାନ୍ତା । କହି ନ ପାରିଲେ ମାନ-ପ୍ରତିଷ୍ଠା ନଷ୍ଟ ହୋଇଥାନ୍ତା । ଏଣୁ ପ୍ରଥମରୁ ହିଁ ଶିଷ୍ୟମାନଙ୍କ ଆଗରେ କେଉଁଠି-କେଉଁଠି ବେଦ ବିରୁଦ୍ଧରେ କହୁଥିଲେ । ଦ୍ୱିତୀୟତଃ, ଆଉ କେଉଁ-କେଉଁ ସ୍ଥାନରେ ବେଦକୁ ଭଲ ବୋଲି ବି କହିଛନ୍ତି । କାରଣ ଯଦି କେଉଁଠି ମଧ୍ୟ ବେଦକୁ ଭଲ ବୋଲି କହିନଥାନ୍ତେ ତେବେ ଲୋକେ ତାଙ୍କୁ ନାସ୍ତିକ

ବୋଲି କହିଥାନ୍ତେ ।

**ବେଦ ପଢ଼ତ ବ୍ରହ୍ମା ମରେ ଚାରୋଁ ବେଦ କହାନୀ ।**

**ସନ୍ତ କୀ ମହିମା ବେଦ ନ ଜାନୀ ।** (ସୁଖମନୀ, ଅଷ୍ଟପଦୀ ୭, ପଦ ୮)

**ବ୍ରହ୍ମଜ୍ଞାନୀ ଆପ ପରମେଶ୍ୱର ॥** (ସୁଖମନୀ. ଅଷ୍ଟ.୮, ପଦ ୬)

କ'ଣ ବେଦ ପଢ଼ିବା ଲୋକେ ସବୁ ମରିଗଲେ, ଆଉ ନାନକ ଆଦି ନିଜକୁ ଅମର ବୋଲି ଭାବୁଥିଲେ ? କ'ଣ ସେମାନେ ମରିନାହାନ୍ତି ? **ବେଦ ତ ସବୁ ବିଦ୍ୟାର ଭଣ୍ଡାର ।** କିନ୍ତୁ ଚାରି ବେଦକୁ ଯିଏ 'କାହାଣୀ' ବୋଲି କହେ, ତା'ର ହିଁ ସବୁ କଥା କାହାଣୀ ବୋଲି ବୁଝିବାକୁ ହେବ । ଯଦି ମୂର୍ଖମାନେ ସନ୍ଥ ବୋଲାଇଥାନ୍ତି, ତେବେ ସେ ବିଚରାମାନେ ବେଦର ମହିମା କେବେ ବି ବୁଝିପାରନ୍ତି ନାହିଁ । ଯଦି ନାନକ ବେଦକୁ ହିଁ ମାନିଥାନ୍ତେ, ତେବେ ତାଙ୍କର ସମ୍ପ୍ରଦାୟ ଚାଲିନଥାନ୍ତା କି ସେ ଗୁରୁ ହୋଇପାରି ନ ଥାନ୍ତେ । କାରଣ ସେ ତ ସଂସ୍କୃତ-ବିଦ୍ୟା ପଢ଼ି ନ ଥିଲେ, ତେଣୁ ଅନ୍ୟକୁ ବିଦ୍ୟା ପଢ଼େଇ ଶିଷ୍ୟ କିପରି କରିପାରିଥାନ୍ତେ ?

**ଏକଥା ସତ ଯେ ଯେଉଁ ସମୟରେ ନାନକ ଜନ୍ମ ହୋଇଥିଲେ, ସେ ସମୟରେ ପଞ୍ଜାବରେ ସଂସ୍କୃତ-ବିଦ୍ୟାର ଚର୍ଚ୍ଚା ନ ଥିଲା, ପଞ୍ଜାବ ମୁସଲମାନଙ୍କ ଦ୍ୱାରା ପୀଡ଼ିତ ଥିଲା । ସେ ସମୟରେ ନାନକ ଅନେକ ଲୋକଙ୍କୁ ମୁସଲମାନ ହେବାରୁ ବଞ୍ଚେଇଦେଲେ ।** ନାନକଙ୍କ ସମୟରେ ତାଙ୍କ ସମ୍ପ୍ରଦାୟ ବିଶେଷ ବଢ଼ି ନ ଥିଲା କି ତାଙ୍କର ଶିଷ୍ୟଙ୍କ ସଂଖ୍ୟା ବହୁତ ନ ଥିଲା । କିନ୍ତୁ ଅବିଦ୍ୱାନଙ୍କ ମଧ୍ୟରେ ଏପରି ଚଳଣୀ ରହିଛି ଯେ ମୃତ୍ୟୁ ପରେ ଗୁରୁଙ୍କୁ ସିଦ୍ଧ କରିଦିଅନ୍ତି, ତା'ପରେ ତାଙ୍କର ବହୁତ ମାହାତ୍ମ୍ୟ ପ୍ରଚାର କରି ତାଙ୍କୁ ଈଶ୍ୱରଙ୍କ ସମାନ ମାନିଥାନ୍ତି ।

ନାନକ ବଡ଼ ଧନାଢ଼୍ୟ, ଜମିଦାର ମଧ୍ୟ ନ ଥିଲେ । କିନ୍ତୁ ତାଙ୍କ ଚେଲାମାନେ 'ନାନକ ଚନ୍ଦ୍ରୋଦୟ' ଓ 'ଜନ୍ମଶାଖୀ' ଆଦିରେ ସେ ବଡ଼ ସିଦ୍ଧ ଓ ବଡ଼ ଐଶ୍ୱର୍ଯ୍ୟଶାଳୀ ଥିଲେ ବୋଲି ଲେଖିଛନ୍ତି । ନାନକ ବ୍ରହ୍ମା ଆଦିଙ୍କ ସହ ସାକ୍ଷାତ କଲେ, ବହୁତ କଥାବାର୍ତ୍ତା ହେଲେ, ସମସ୍ତେ ଯାଙ୍କର ସମ୍ମାନ କଲେ । ନାନକଙ୍କ ବିବାହରେ ବହୁତ ରଥ, ହାତୀ, ଘୋଡ଼ା, ସୁନା, ରୁପା, ମୋତି, ମାଣିକ୍ୟ ଆଦି ରତ୍ନରେ ସଜ୍ଜିତ ହୋଇଥିଲେ ଏବଂ ଅମୂଲ୍ୟ ରତ୍ନର ପାରାବାର ନଥିଲା ବୋଲି ଲେଖାଅଛି । **ଭଲା, ଏସବୁ ଗାଲୁଗପ ନୁହେଁ ତ ଆଉ କ'ଣ ? ଏଥିରେ ଦୋଷ ନାନକଙ୍କ ଚେଲାମାନଙ୍କର, ନାନକଙ୍କର ନୁହେଁ ।**

ଦ୍ୱିତୀୟ କଥା ଯେ, ତାଙ୍କ ପରେ ତାଙ୍କ ସନ୍ତାନଙ୍କଠାରୁ **'ଉଦାସୀ'** ସମ୍ପ୍ରଦାୟ ସୃଷ୍ଟି ହେଲା ଏବଂ ରାମଦାସ ଆଦିଙ୍କଠାରୁ **'ନିର୍ମଳ'** ସମ୍ପ୍ରଦାୟ ଆରମ୍ଭ ହେଲା । ଗୁରୁଗାଦିରେ ଅଭିଷିକ୍ତ ଅନେକ ବ୍ୟକ୍ତି ନିଜର ଅନେକ ବାଣୀ ଗୁରୁଗ୍ରନ୍ଥରେ ଲେଖିଲେ । ଗୋବିନ୍ଦ ସିଂହ ଏମାନଙ୍କର ଦଶମ ଗୁରୁ ହେଲେ । ତାଙ୍କ ପରେ ସେ ଗ୍ରନ୍ଥରେ ଆଉ କାହାରି ବାଣୀ ମିଶା ଯାଇ ନାହିଁ । କିନ୍ତୁ ତାଙ୍କ ପର୍ଯ୍ୟନ୍ତ ଯେତେ ଛୋଟ-ଛୋଟ ପୁସ୍ତକ ଥିଲା, ସେସବୁକୁ ଏକତ୍ର କରି ସେ ଏକ ଗ୍ରନ୍ଥ ଆକାରରେ ବନ୍ଧେଇ କରିଦେଲେ । ନାନକଙ୍କ ପରେ ତାଙ୍କ ଅନୁଗାମୀମାନେ ମଧ୍ୟ ବହୁତ ପୁସ୍ତକ ଲେଖିଲେ । କେତେ ଲୋକ ତ ନାନା ପ୍ରକାର ପୁରାଣର ମିଥ୍ୟା କଥା ଭଳି କଥାରେ ପରିପୂର୍ଣ୍ଣ ପୁସ୍ତକ ଲେଖିଲେ । କିନ୍ତୁ 'ବ୍ରହ୍ମଜ୍ଞାନୀ ଆପ ପରମେଶ୍ୱର' ହୋଇ ନାନକଙ୍କ ଶିଷ୍ୟମାନେ କର୍ମ, ଉପାସନା ଛାଡ଼ି, ସେ ଗୁରୁଗ୍ରନ୍ଥକୁ ମୁଣ୍ଡିଆ ମାରି ଚାଲିଲେ । ଏହା ବହୁତ ହାନି କରିଦେଲା । **ନଚେତ୍ ନାନକ ଈଶ୍ୱରଙ୍କ ଭକ୍ତି ବିଶେଷ ବିଷୟରେ ଯାହା ଲେଖିଥିଲେ ତାହା କରିଚାଲିଥାନ୍ତେ ତ ଭଲ ହୋଇଥାନ୍ତା ।** ବର୍ତ୍ତମାନ **ଉଦାସୀ**ମାନେ କହୁଛନ୍ତି 'ଆମେ ବଡ଼', **ନିର୍ମଳ**ମାନେ କହୁଛନ୍ତି 'ଆମେ ବଡ଼', **ଅକାଳୀ** ତଥା ସୁଥରେଶାହୀ ବି କହୁଛନ୍ତି ଆମେ 'ସବୁଠୁ ବଡ଼' ।

**ଏ ଗୁରୁମାନଙ୍କ ମଧ୍ୟରେ ଗୋବିନ୍ଦ ସିଂହ ବଡ଼ ଶୂରବୀର ଥିଲେ ।** ଯେହେତୁ ମୁସଲମାନମାନେ ତାଙ୍କ

ପୂର୍ବଜଙ୍କୁ ବହୁ ଦୁଃଖ ଦେଇଥିଲେ, ତେଣୁ ସେ ତା'ର ପ୍ରତିଶୋଧ ନେବାକୁ ଚାହୁଁଥିଲେ । କିନ୍ତୁ ୟାଙ୍କ ପାଖରେ କୌଣସି ସାଧନ ନ ଥିଲା । ତେଣେ ମୁସଲମାନ ଶାସନ ଅସ୍ତ୍ର-ଶସ୍ତ୍ର-ସେନାରେ ପ୍ରଚଣ୍ଡ ଥିଲା । ସେ ଯୋଜନା କରି ଏକ ପୁରଶ୍ଚରଣ କରାଇଲେ । ଘୋଷଣା କଲେ କି — 'ମୋତେ ଦେବୀ ବର ଓ ଖଡ୍‌ଗ ପ୍ରଦାନ କରିଛନ୍ତି । କହିଛନ୍ତି କି ତୁମେ ମୁସଲମାନଙ୍କ ବିରୁଦ୍ଧରେ ଯୁଦ୍ଧ କର, ତୁମର ବିଜୟ ହେବ ।' ବହୁତ ଲୋକ ତାଙ୍କ ସହ ଯୋଗ ଦେଲେ । ବାମମାର୍ଗୀମାନେ ଯେପରି 'ପଞ୍ଚ ମକାର', ଚକ୍ରାଙ୍କିତମାନେ 'ପଞ୍ଚ ସଂସ୍କାର' ପ୍ରଚଳନ କରିଥିଲେ, ସେହିପରି ଗୋବିନ୍ଦ ସିଂହ **'ପଞ୍ଚ କକାର'** ପ୍ରଚଳନ କଲେ । **୧. କେଶ —** କେଶ ରଖିବା ଦ୍ୱାରା ଯୁଦ୍ଧରେ ଲାଠି ଓ ଖଣ୍ଡା ଆଘାତରୁ କିଛି ରକ୍ଷା ମିଳେ । **୨. କଂଗଣ —** ଲୁହାର ଏକ ବଳା । ଅକାଳୀମାନେ ଏହାକୁ ମୁଣ୍ଡ ଉପରେ ପଗଡ଼ିରେ ଧାରଣ କରନ୍ତି ଓ ହାତରେ **'କଡ଼ା'** ଧାରଣ କରନ୍ତି; ଯାହାଦ୍ୱାରା କି ମୁଣ୍ଡ ଓ ହାତ ଆକ୍ରମଣରୁ ରକ୍ଷା ପାଇପାରିବ । **୩. କାଛ —** ଜଙ୍ଘ ଉପରକୁ ଏକ ଜଙ୍ଘିଆ । ଏହାଦ୍ୱାରା ଦୌଡ଼ିବା, ଡିଆଁ-କୁଦା କରିବାରେ ସୁବିଧା ହୁଏ । ଆଖଡ଼ାରେ କୁସ୍ତି କରୁଥିବା ମଲ୍ଲମାନେ ଓ କ୍ରୀଡ଼ାକୌଶଳ ପ୍ରଦର୍ଶନ କରୁଥିବା ନଟମାନେ ମଧ୍ୟ ବିଶେଷତଃ ଏହାକୁ ଧାରଣ କରନ୍ତି ଯାହାଦ୍ୱାରା କି ଶରୀରର ମର୍ମସ୍ଥାନ ସୁରକ୍ଷିତ ରହେ ଏବଂ କୌଣସି ବାଧା ଆସେନି । **୪. କଙ୍ଘା —** ଏହାଦ୍ୱାରା କେଶ ସଜାଡ଼ିବାରେ ସୁବିଧା ହୁଏ । **୫. କାଚୁ (କଟାର) —** ଶତ୍ରୁ ସହ ମୁଖାମୁଖୀ ହେଲେ ଯୁଦ୍ଧରେ କାମରେ ଆସେ । ଅର୍ଥାତ୍ ଏ ପଞ୍ଚ କକାର ଯୁଦ୍ଧ ପାଇଁ ଉପଯୋଗୀ । **ଏଣୁ ଗୁରୁ ଗୋବିନ୍ଦ ସିଂହ ବୁଦ୍ଧିମତ୍ତା ପୂର୍ବକ ଏଭଳି ଭାବରେ ସେହି ସମୟୋପଯୋଗୀ ବ୍ୟବସ୍ଥା କରିଥିଲେ । ବର୍ତ୍ତମାନ ସେସବୁ ଧାରଣ କରିବାର କୌଣସି ଉପଯୋଗିତା ନାହିଁ । ସେତେବେଳେ ଯୁଦ୍ଧ ପାଇଁ ସହାୟକ ହେଉଥିବାରୁ ଯାହାସବୁ ଧାରଣ କରିବା କର୍ତ୍ତବ୍ୟ ଥିଲା, ବର୍ତ୍ତମାନ ସେସବୁକୁ ଧାର୍ମିକ ଚିହ୍ନ ବୋଲି ମାନିନେଇଛନ୍ତି ।**

ଏମାନେ ମୂର୍ତ୍ତିପୂଜା ତ କରନ୍ତି ନାହିଁ; କିନ୍ତୁ **'ଗ୍ରନ୍ଥ ବିଶେଷ'** କୁ ମୂର୍ତ୍ତି ଭଳି ପୂଜା କରନ୍ତି । କ'ଣ ଏହା ମୂର୍ତ୍ତିପୂଜା ନୁହେଁ କି ? **କୌଣସି ଜଡ଼ ପଦାର୍ଥ ଆଗରେ ନତମସ୍ତକ ହେବା କିମ୍ବା ତା'ର ପୂଜା କରିବା, ସବୁ 'ମୂର୍ତ୍ତିପୂଜା' ଅଟେ ।** ମୂର୍ତ୍ତିର ପୂଜାରୀମାନେ ଯେପରି ନିଜ-ନିଜ ଦୋକାନ ଖୋଲି ଜୀବିକା ଅର୍ଜନର ଉପାୟ କରିଛନ୍ତି, ଏମାନେ ମଧ୍ୟ ସେହିପରି କରିନେଇଛନ୍ତି । ପୂଜାରୀମାନେ ଯେପରି ମୂର୍ତ୍ତିର ଦର୍ଶନ କରାନ୍ତି, ଲୋକଙ୍କ ଦ୍ୱାରା ଭେଟି ଚଢ଼ାନ୍ତି, ନାନକପନ୍ଥୀମାନେ ବି ସେହିପରି ଗ୍ରନ୍ଥର ପୂଜା କରନ୍ତି-କରାନ୍ତି, ଭେଟି ବି ଚଢ଼ାନ୍ତି । ଅବଶ୍ୟ ମୂର୍ତ୍ତିପୂଜକମାନେ ବେଦକୁ ଯେତିକି ମାନ୍ୟତା ଦିଅନ୍ତି, ଗ୍ରନ୍ଥସାହେବ ପୂଜାକାରୀମାନେ ବେଦକୁ ସେତେ ମାନ୍ୟତା ଦିଅନ୍ତି ନାହିଁ । ହଁ, ଏହା କୁହାଯାଇପାରେ ଯେ ଏମାନେ ତ ବେଦକୁ ଦେଖିନାହାନ୍ତି କି ଶୁଣିନାହାନ୍ତି, ତେଣୁ କ'ଣ କରିଥାନ୍ତେ ? ଯଦି ବେଦକୁ ଶୁଣିବା-ଦେଖିବାର ସୁଯୋଗ ମିଳେ ତେବେ ହଠି-ଦୁରାଗ୍ରହୀ ହୋଇନଥିବା ବୁଦ୍ଧିମାନ୍ ଲୋକେ ଯେ କୌଣସି ସମ୍ପ୍ରଦାୟଭୁକ୍ତ ହୋଇଥାଆନ୍ତୁ ନା କାହିଁକି ବେଦମତକୁ ସ୍ୱୀକାର କରିନିଅନ୍ତି । **ଭଲକଥା ହେଲା ଯେ ଏମାନେ ଭୋଜନ ସମ୍ବନ୍ଧୀୟ ଅନାବଶ୍ୟକ ଝମେଲା ବହୁତ ପରିମାଣରେ ଦୂର କରିଦେଇଛନ୍ତି । ଏଇ କଥାକୁ ଯେମିତି ଦୂରେଇ ଦେଇଛନ୍ତି, ସେହିପରି ଯଦି ବିଷୟାସକ୍ତି ଓ ଦୁରଭିମାନକୁ ମଧ୍ୟ ତ୍ୟାଗ କରି ବେଦମତର ଉନ୍ନତି ପାଇଁ ଚେଷ୍ଟା କରନ୍ତେ ତେବେ ଅତି ଉତ୍ତମ କାର୍ଯ୍ୟ ହୁଅନ୍ତା ।**

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୪୧ | ୨୪୫ | ୭୮୬ | ୧୭. | ଜଗତସିଂହପୁର | ୩୦ | ୦୨ | ୩୨ |
| ୦୨. | ଖୋର୍ଦ୍ଧା | ୩୪୨ | ୬୯ | ୪୧୧ | ୧୮. | ନୟାଗଡ଼ | ୨୩ | ୧୨ | ୩୫ |
| ୦୩. | କଟକ | ୨୯୯ | ୮୧ | ୩୮୦ | ୧୯. | ବୌଦ୍ଧ | ୨୨ | ୨୭ | ୪୯ |
| ୦୪. | ସୁନ୍ଦରଗଡ଼ | ୨୫୭ | ୧୫୬ | ୪୧୩ | ୨୦. | ଭଦ୍ରକ | ୨୨ | ୦୧ | ୨୩ |
| ୦୫. | ବରଗଡ଼ | ୨୩୪ | ୧୩୦ | ୩୬୪ | ୨୧. | ଢେଙ୍କାନାଳ | ୨୦ | ୩୧ | ୫୧ |
| ୦୬. | ବଲାଙ୍ଗିର | ୧୦୮ | ୩୭ | ୧୪୫ | ୨୨. | ଝାରସୁଗୁଡ଼ା | ୧୭ | ୦୧ | ୧୮ |
| ୦୭. | କୋରାପୁଟ | ୧୦୪ | ୫୦ | ୧୫୪ | ୨୩. | କେନ୍ଦୁଝର | ୧୬ | ୦୧ | ୧୭ |
| ୦୮. | ବାଲେଶ୍ୱର | ୧୦୩ | ୦୬ | ୧୦୯ | ୨୪. | କଳାହାଣ୍ଡି | ୧୫ | ୦୧ | ୧୬ |
| ୦୯. | ସୁବର୍ଣ୍ଣପୁର | ୮୩ | ୬୯ | ୧୫୨ | ୨୫. | ଗଜପତି | ୧୧ | ୦୭ | ୧୮ |
| ୧୦. | ସମ୍ବଲପୁର | ୬୫ | ୩୮ | ୧୦୩ | ୨୬. | ଯାଜପୁର | ୦୯ | ୦୪ | ୧୩ |
| ୧୧. | ରାୟଗଡ଼ା | ୬୨ | ୨୨ | ୮୪ | ୨୭. | କେନ୍ଦ୍ରାପଡ଼ା | ୦୭ | ୧୦ | ୧୭ |
| ୧୨. | ଅନୁଗୁଳ | ୫୫ | ୧୨ | ୬୭ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | ମୟୂରଭଞ୍ଜ | ୫୪ | ୦୧ | ୫୫ | ୨୯. | ନୂଆପଡ଼ା | ୦୨ | ୦୨ | ୦୪ |
| ୧୪. | କନ୍ଧମାଳ | ୪୮ | ୫୭ | ୧୦୫ | ୩୦. | ନବରଙ୍ଗପୁର | ୦୧ | ୦୨ | ୦୩ |
| ୧୫. | ପୁରୀ | ୪୦ | ୦୧ | ୪୧ | ୩୧. | ଅନ୍ୟାନ୍ୟ | ୫୭ | ୦୦ | ୫୭ |
| ୧୬. | ମାଲକାନଗିରି | ୩୫ | ୬୬ | ୧୦୧ | | **ମୋଟ** | **୨୬୮୯** | **୧୧୪୨** | **୩୮୩୧** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୧୭ | ୦୮ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୭ | ୦୭ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୮ | ୦୪ | ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୬ | ୦୧ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୭୫ | ୩୦ | ଇଂ. କାଳୁଚରଣ ବେହେରା | କଟକ | ୧୬ | ୦୦ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୭୪ | ୧୯ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୫ | ୧୩ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୨ | ୦୬ | ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୦୮ |
| ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ | ବାଲେଶ୍ୱର | ୪୯ | ୦୦ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୦୭ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୪୭ | ୧୯ | ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୧୫ | ୦୧ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୪୩ | ୯୬ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୪ | ୦୮ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୪୨ | ୪୯ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୪ | ୦୨ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୪୧ | ୦୫ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୮ | ୧୭ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୭ | ୬୯ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୧ | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୩ | ୩୭ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୩୧ | ୦୧ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୩ | ୨୦ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୧୩ | ୦୬ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୦୨ | ବେଦ ପ୍ରଚାର ସମିତି, କଟକ | | ୧୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୫ | ୫୮ | ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୬ | ୦୦ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୧ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୨୩ | ୦୯ | ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୧ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ | ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୧୨ | ୦୦ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୨୨ | ୦୦ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୨୪ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୩ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୩୫ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୧ | ୦୧ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୧ | ୨୬ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୨୦ | ୧୫ | ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୬ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୨୦ | ୦୦ | ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୧ | ୦୩ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ | ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୧ | ୦୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୮ | ୦୮ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୦୦ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୮ | ୦୫ | ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୧ | ୦୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ | ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୮ | ୦୦ | ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୦ |

| | | | |
|---|---|---|---|
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୧୧ | ୦୧ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୧୦ | ୦୮ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୧୦ | ୦୫ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଲିଗୁଡ଼ା | | ୧୦ | ୦୦ |
| ବେଦ ପ୍ରଚାର ସମିତି, ଜୟପୁର | | ୧୦ | ୦୦ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୯ | ୦୨ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୯ | ୦୦ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୮ | ୦୮ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୧୫ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୮ | ୦୯ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୮ | ୦୭ |
| ଶ୍ରୀମାନ୍ ଶିବ ସେଠୀ | ଖୋର୍ଦ୍ଧା | ୦୮ | ୦୭ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୮ | ୦୮ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୮ | ୦୦ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୮ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୮ | ୦୨ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୭ | ୧୭ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୭ | ୧୬ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୭ | ୧୦ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୧ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୭ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୭ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୭ | ୦୦ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୫୦ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୦୯ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୭ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୬ | ୦୨ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୦ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୬ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୫ | ୦୩ |
| ଶ୍ରୀମତୀ ଶାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |

(କ୍ରମଶଃ...)






କଟକରେ ଚାର୍ଟାଡ ଆକାଉଣ୍ଟାଣ୍ଟ ଆସୋସିଏସନ ପକ୍ଷରୁ ରାଷ୍ଟ୍ରୀୟ ସମ୍ମିଳନୀ






କଟକରେ ଚାର୍ଟାଡ ଆକାଉଣ୍ଟାଣ୍ଟ ଆସୋସିଏସନ ପକ୍ଷରୁ ରାଷ୍ଟ୍ରୀୟ ସମ୍ମିଳନୀ





ବାଲେଶ୍ୱରର ଭେନିଆ ମଣ୍ଡପରେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟଙ୍କ ପକ୍ଷରୁ ଉପଯୁକ୍ତ ଜୀବନ କର୍ମଶାଳା





ବାଲେଶ୍ୱରର ଭେନିଆ ମଣ୍ଡପରେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟଙ୍କ ପକ୍ଷରୁ ଉପଯୁକ୍ତ ଜୀବନ କର୍ମଶାଳା





ରାଉରକେଲାର ସରସ୍ୱତୀ ବିଦ୍ୟାମନ୍ଦିରରେ "ଘର ହିଁ ବିଦ୍ୟାଳୟ" ଯୋଜନାରେ ପରିବାର ପ୍ରଶିକ୍ଷଣ

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 4 Issue 4 May - June 2019




ଆଚାର୍ଯ୍ୟ ଆନନ୍ଦ ପ୍ରକାଶଙ୍କୁ
ସମ୍ବର୍ଦ୍ଧନା ଜଣାଉଛନ୍ତି
ଇଂ. କୁମାର ସ୍ୱାମୀ



ଶିଳାନ୍ୟାସ
କାର୍ଯ୍ୟକ୍ରମରେ
ସମବେତ ଶ୍ରଦ୍ଧାଳୁ ଜନତା

**Shruti Sourabha**
**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**